ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

पर्यवेक्षक

Vol.26 . No.270 Bhubaneswar Sunday December 10 2023 | ୨୬ତମ ବର୍ଷ ସଂଖ୍ୟା-୨୭୦ ଭୁବନେଶ୍ୱର, ରବିବାର, ଡିସେମ୍ବର ୧୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS







## ଇନ୍ସପେକ୍ଟର ତିୱାରୀ କିଏ ? ମଦ ଭାଟି ଟଙ୍କା ଗଦାରୁ ବାହାରିଲା ତାଙ୍କ ନାଁ

ଭୁବନେଶ୍ୱର,୯।୧୨(ପି.ଏନ): ଇନ୍ସପେକ୍ଟର ତିୱାରୀ କିଏ ? ମଦ ଭାଟି ଟଙ୍କା ଗଦାରୁ ତାଙ୍କ ନାଁ ବାହାରିଲା। ତାଙ୍କ ସହିତ ମଦ ଭାଟି ମାଲିକଙ୍କର କ'ଣ ରହିଛି ସମ୍ପର୍କ ? ଏହି ନାଁକୁ ନେଇ ପଶ୍ଚିମ ଓଡିଶାରେ ଚାଲିଛି ଚର୍ଚ୍ଚା। ଅନ୍ୟପକ୍ଷରେ ଖୋଳତାଡ ମଧ୍ୟ ଆରମ୍ଭ ହୋଇଛି। ଓଡିଶାରେ ପୁଳାପୁଳା ଟଙ୍କା ଜବତ ଘଟଣାରେ ନୂଆ ସୁରାକ ମିଳିଛି। ଜବତ ଟଙ୍କା ବ୍ୟାଗ୍‌ର ଏକ ସ୍ୱତନ୍ତ୍ର ପଲିଥିନରୁ ବାହାରିଲା ୫ ଲକ୍ଷ ଟଙ୍କାର ପୁଡିଆ। ସଂପୃକ୍ତ ପଲିଥିନରେ ଲେଖା ହୋଇଛି 'ଇନ୍ସପେକ୍ଟର ତିୱାରୀ'। ତେବେ ଏଠି ପ୍ରଶ୍ନ ଉଠୁଛି, ଇନ୍ସପେକ୍ଟର ତିୱାରୀ କିଏ ? ତାକୁ ନେଇ ଖୋଳତାଡ ଆରମ୍ଭ କରିଛି ଆୟକର ବିଭାଗ ଓ ପୁଲିସ୍।








## ପିଆଜ ଦର ବୃଦ୍ଧି ଯୋଗୁଁ ଲୋକମାନଙ୍କୁ କଣ ସରକାରୀ ସ୍ତରରେ ନିମ୍ନ ମାନର ପିଆଜ ଯୋଗାଇ ଦିଆଯିବ କି ?

ଭୁବନେଶ୍ୱର,୯।୧୨(ପି.ଏନ):ପିଆଜର ଅହେତୁକ ଦର ବୃଦ୍ଧି ପାଇଁ ଓଡ଼ିଶା ରାଜ୍ୟ ସରକାର ଲୋକଙ୍କୁ ଅତି ନିମ୍ନ ସ୍ତରର ଗଜା ଓ ସଢ଼ା ପିଆଜ ଯୋଗାଣ ବିଭାଗ ପକ୍ଷରୁ ଯୋଗାଇ ଦେଉଛନ୍ତି କିଲୋ ୨୫ ଟଙ୍କା ହିସାବରେ ।କିନ୍ତୁ ଯେଉଁ ଅଧିକାରୀ ମାନେ ଏହାକୁ ନିୟନ୍ତ୍ରଣ କରୁଛନ୍ତି ଓ ଓଡ଼ିଶାର ବିଧାୟକ ତଥା ସାଂସଦ ମାନେ କେବେ ନିଜେ ଘରକୁ ନେଇ ଏହି ପିଆଜ ଖାଇଛନ୍ତି କି ? ଓଡ଼ିଶାର ଅନୁଗୁଳ ଜିଲ୍ଲାରେ ପ୍ରଚୁର ପିଆଜ ଉତ୍ପାଦନ ହୁଏ ଯେହେତୁ ଆଗ ସରକାର ବା ଏହି ୨୫ ବର୍ଷ ର ସରକାର ଅନେକ ବର୍ଷ ଧରି ଗୋଟିଏ ବି ଶୀତଳ ଭଣ୍ଡାର କରି ନାହାନ୍ତି ତେଣୁ ଓଡ଼ିଶାରେ ଉତ୍ପାଦିତ ପିଆଜ ସବୁ ବାହାର ରାଜ୍ୟ କୁ ଚାଲି ଯାଇ ପୁଣି ଓଡ଼ିଶା କୁ ଅଧିକ ଦରରେ ବିକ୍ରୀ ହେଉଛି । ଏହା ଏକ ଦୁଃଖ ଓ ପରିତାପର ବିଷୟ। ଓଡ଼ିଶାର ସର୍ବସାଧାରଣ କଣ ଏତେ ନିମ୍ନ ସ୍ତରର ଯେ ସେମାନେ ଗଜା ହୋଇଥିବା ଓ ସଢା ପିଆଜ ଖାଇବା ପାଇଁ ଉପଯୁକ୍ତ କି ? ଆମ ଓଡ଼ିଶାରେ ୩୪.୯୨ ପିଆଜ କଳାହାଣ୍ଡି ,ନୂଆପଡ଼ା ,ଅନୁଗୁଳ ,ଢେଙ୍କାନାଳ ,ଦେଓଗଡ଼ ରେ ପ୍ରଚୁର ପରିମାଣରେ ଉତ୍ପାଦନ ହେଉଥିବା ବେଳେ ଶୀତଳ ଭଣ୍ଡାର ର ଘୋର ଅଭାବ ଯୋଗୁଁ ହିଁ ଚାଷୀ ମାନେ ତାହା ରଖି ନ ପାରି ବେପାରୀ ଙ୍କୁ ଶସ୍ତା ଦରରେ ବିକ୍ରୀ କରିବାକୁ ବାଧ



ହେଉଛନ୍ତି ଓ ନିଜ କରିଥିବା ପରିଶ୍ରମ ର ଘାଟା ସହୁଛନ୍ତି ।ସରକାର ଖାଲି ଚାଷୀ ଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଓ ବିଭିନ୍ନ ଯୋଜନା ରେ ଚାଷୀ ଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଓ ମାଗଣା ଖାଇବାକୁ ସେଇ ସେମାନଙ୍କୁ ଭିକାରୀ କରି ନିଜ ଭୋଟ ବାକ୍ସ କୁ ଦୃଢ଼ କରିବା ଛଡ଼ା ଆଉ କୌଣସି ଉନ୍ନତି ହେଉ ନାହିଁ । ଏହା ଘୋର ଦୁଃଖ ଓ ପରିତାପର ବିଷୟ। ଜଳ ସେଚନ ପାଇଁ ମଧ୍ୟ କେଉଁଠି ଗୋଟିଏ ହେଲେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ହୋଇ ନାହିଁ ବା ଉଠା ଜଳସେଚନ ପ୍ରକଳ୍ପ ରେ ଲୋକ ମାନଙ୍କୁ ଠିକ୍ ଭାବରେ ବିଦ୍ୟୁତ୍ ସଂଯୋଗ ଦିଆଯାଉ ନାହିଁ । ଅନେକ ଚାଷୀ ହନ୍ତସନ୍ତ ହୋଇ ନିଜ ଜମି ପାଇଁ ଠିକ୍ ଜଳ ସେଚନ କରି ନ ପାରି ଜମି ବିକି ଦେଉଛନ୍ତି ବା କେହି କେହି ଚାଷ ପାଇଁ ଋଣ କରି ଏମିତି ହଇରାଣ ହୋଇ ଆତ୍ମହତ୍ୟା କରିଛନ୍ତି ।

## ସାମ୍ନାକୁ ଆସିଲା ରାମ ମନ୍ଦିରର ଗର୍ଭଗୃହ ଫଟୋ

ନୂଆଦିଲ୍ଲୀ,୯।୧୦(ପିଏନ):ଉତ୍ତରପ୍ରଦେଶର ଅଯୋଧ୍ୟାରେ ନିର୍ମାଣ ଚାଲିଥିବା ଭବ୍ୟ ରାମନ୍ଦିରର ଉଦଘାଟନମ ଆସନ୍ତା ବର୍ଷ ଜାନୁଆରୀ ୨୨ରେ ହେବ। ତେବେ ତା'ପୂର୍ବରୁ ଆସିଛି ରାମମନ୍ଦିରର ଗର୍ଭଗୃହର ଫଟୋ।ସୋଶାଲ ମିଡିଆରେ ରାମମନ୍ଦିରର ଗର୍ଭଗୃହର ଦୁଇଟି ଫଟୋ ଶେଆର କରିଛନ୍ତି ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ରର ସାଧାରଣ ସମ୍ପାଦକ ଚମ୍ପତ ରାୟ।ଶ୍ରୀ ରାୟ ତାଙ୍କ 'ଢ' ଆକାଉଣ୍ଟରେ ଏହି ଫଟୋ ଦୁଇଟି ଶେଆର କରି ଲେଖିଛନ୍ତି, ପ୍ରଭୁ ଶ୍ରୀ ରାମଲଲାଙ୍କ ଗର୍ଭଗୃହ ସ୍ଥାନ ପ୍ରାୟ ପ୍ରସ୍ତୁତ ହୋଇଯାଇଛି। ନିକଟରେ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ଶେଷ ହୋଇଛି।



## ପୁଣି ଫେରିପାରେ ମହାବଳ: ପୁଣି ଏକ ଜିଲ୍ଲାରୁ ବାଘର ପାଦ ଚିହ୍ନ ଠାବ କଲା ବନ ବିଭାଗ

ଭୁବନେଶ୍ୱର,୯।୧୨(ପି.ଏନ) : ଗତ କିଛିଦିନ ଧରି ବାଘକୁ ନେଇ ରାଜ୍ୟରେ ଆତଙ୍କ ଜାରି ରହିଛି । ରାଜ୍ୟର କିଛି ସ୍ଥାନରେ ବାଘକୁ ନେଇ କିଛି ପ୍ରମାଣ ମିଳିଥିଲା । ତେବେ ଏହା ମଧ୍ୟରେ ଆସିଛି ପୁଣି ଏକ ଚିନ୍ତାଜନକ ଖବର । ରାଜ୍ୟର ପୁଣି ଏକ ସ୍ଥାନରୁ ବାଘର ପାଦ ଚିହ୍ନ ଦେଖିବାକୁ ମିଳିଛି । ବନ ବିଭାଗ ପକ୍ଷରୁ ବାଘର ଗତିବିଧି ଉପରେ ନଜର ରଖାଯାଇଥିବା ବେଳେ ଲୋକଙ୍କ ମଧ୍ୟରେ ପୁଣି କୋକୁଆ ଭୟ ଖେଳି ଯାଇଛି ।ସୂଚନା ମୁତାବକ, ନୂଆପଡା ଜିଲ୍ଲାର ଚନ୍ଦ୍ରପୁର ମଧୁକପଡା ଗ୍ରାମ ନିକଟରେ ମହାବଳ ବାଘର ପାଦଚିହ୍ନ ଦେଖିବାକୁ ମିଳିଛି । ନିକଟରେ ରାୟଗଡା ଜିଲ୍ଲା ମୁନିଗୁଡା ଦହିଖାଲ ଅଞ୍ଚଳରେ ବାଘ ମଇଁଷି ଛୁଆକୁ ଖାଇ ଦେଇଥିଲା । ତା' ପରଠାରୁ ବନ ବିଭାଗ ପକ୍ଷରୁ ବାଘର ଗତିବିଧି ଉପରେ ନଜର ରଖାଯିବା ସହିତ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି । ତେବେ ବର୍ତ୍ତମାନ ସୁଦ୍ଧା ମହାବଳ ବାଘକୁ ଲୋକମାନେ ଦେଖିନଥିବା ବେଳେ ବନ ବିଭାଗ କେବଳ ପାଦ ଚିହ୍ନ ଠାବ କରିଛି । ମହାବଳ ପୁଣି ଫେରୁଥିବା ନେଇ ଆଶଙ୍କ ପ୍ରକାଶ ପାଇଛି ।ସୂଚନାଯୋଗ୍ୟ ଯେ, ଚଳିତ ମାସ ପ୍ରଥମ ସପ୍ତାହରେ ମୁନିଗୁଡା ବନାଞ୍ଚଳରେ ବାଘର ଆତଙ୍କ ଦେଖିବାକୁ ମିଳିଥିଲା । ବାଘ ଉକ୍ତ ଅଞ୍ଚଳରେ ବୁଲୁଥିବା ଜାଣିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଏହା ପୂର୍ବରୁ ଗଜପତି ଓ କନ୍ଧମାଳ ଜିଲ୍ଲାରେ ମଧ୍ୟ ବାଘର ଆତଙ୍କ ସୃଷ୍ଟି ହୋଇଥିଲା । ଗତ ମାସ ୨୮ ତାରିଖରେ ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ଲିକିଟିପଦର ପଞ୍ଚାୟତର ମିଳିକାପାଙ୍ଗ ଜଙ୍ଗଲରେ ମହାବଳର ପାଦଚିହ୍ନ ଦେଖିବାକୁ ମିଳିଥିଲା ।

## କୋକେନ କାହାର ? ପାରାଦୀପ ଆସିଲେ ଦୁଇ ଇଣ୍ଟରପ୍ରିଟର

ଭୁବନେଶ୍ୱର,୯।୧୦(ପି.ଏନ): ପାରାଦୀପ ବନ୍ଦରରୁ ମିଳିଥିବା ୨୦୦ କୋଟି ଟଙ୍କାର କୋକେନ୍ ? କାହାର ? ପାରାଦୀପକୁ ଆସିଲା ନା ଏଠାରୁ ବିଦେଶ ଯାଉଥିଲା ? ତାହାର ଖିଆ ପାଉନି କଷ୍ଟମ୍ସ ବିଭାଗ। ଅନ୍ୟପକ୍ଷରେ କୋକେନ୍ ? ଜବତ ହୋଇଥିବା ଜାହାଜ ଗଠ ଉରଇଓରେ କ୍ରୁ ମେମ୍ବରଙ୍କ ଭାଷା ମଧ୍ୟ ବୁଝି ପାରୁନଥିଲେ। କାରଣ ଜାହାଜ କ୍ରୁ ସଦସ୍ୟମାନେ ଇଂରାଜି କହିପାରୁନଥିଲେ କି ବୁଝିପାରୁନଥିଲେ। ସେମାନେ କେବଳ ଭିଏତନାମୀ ଭାଷାରେ କଥା ହେଉଛନ୍ତି। ସେଥିପାଇଁ କଷ୍ଟମ ବିଭାଗ ଅଡୁଆରେ ପଡିଛି।ତେଣୁ ଦୁଇ ଜଣ ଇଣ୍ଟରପ୍ରିଟର ମଗାଇଥିଲା କଷ୍ଟମ ଭାଗ। ଭିଏତନାମା ଭାଷା ଜାଣିଥିବା ଦୁଇ ଅନୁବାଦକ ଆଜି ପାରାଦୀପରେ ପହଞ୍ଚିଥିଲେ। ସେମାନଙ୍କୁ ଧରି କଷ୍ଟମ୍ସ ବିଭାଗ ଅଧିକାରୀମାନେ ଜାହାଜ ଗଠ ଉରଇଓରେ ପହଞ୍ଚିଛନ୍ତି। ଆଉ ସେମାନଙ୍କୁ ପଚ଼ରାଉଚ଼ରା କରାଯାଉଥିବା ଜଣାପଡିଛି।

## ଲଙ୍କାଗୁଣ୍ଡ ମାଡ କରି ବିଚ୍ ରାସ୍ତାରେ ଯୁବକଙ୍କୁ ଛୁରୀ ଭୁଷି ହତ୍ୟା

ଭୁବନେଶ୍ୱର,୯।୧୨(ପି.ଏନ): ବିଚ୍ ରାସ୍ତାରେ ଜଣେ ୨୦ ବର୍ଷୀୟ ଯୁବକଙ୍କୁ ନିର୍ମମ ଭାବେ ଛୁରୀ ଭୁଷି ହତ୍ୟା କରାଯାଇଛି। ଅଭିଯୁକ୍ତ ପ୍ରଥମେ ଯୁବକଙ୍କ ଆଖିକୁ ଲକ୍ଷ୍ୟ କରି ଲଙ୍କା ଗୁଣ୍ଡ ମାଡ କରିଥିଲା। ସେ ତଳେ ପଡି ଯିବାରୁ ତାଙ୍କୁ ବାରମ୍ବାର ଛୁରୀ ଭୁଷି ହତ୍ୟା କରିଛି। ବିହାରରେ ଘଟିଥିବା ଏହି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ବାରାଣସୀରେ ରହି ପାଠପ ?ଥିବା ରାହୁଲ କୁମାର ଛଟ ପୂଜା ପାଇଁ ନିଜ ଘର ବିହାର ଆସିଥିଲେ। ଘଟଣା ଦିନ ଜଣେ କେହି ଜଣେ ରାହୁଲ କୁମାରଙ୍କୁ ଫୋନ କରି କେଏଲଏସ କଲେଜ ନିକଟକୁ ଡାକିଥିଲା। ସେ କଲେଜ ନିତକଟରେ ପହଞ୍ଚିବା ପରେ ତାଙ୍କୁ ହତ୍ୟା କରାଯାଇଛି। ତେବେ କ'ଣ ପାଇଁ ରାହୁଲଙ୍କୁ ହତ୍ୟା କରାଗଲା, ସେକଥା ଏଯାଏ ଜଣାପଡିନି।

## ପୁଲୱାମା ହମଲାର ଷଡଯନ୍ତ୍ରକାରୀକୁ ଉଠାଇ ନେଲା କିଏ ?

ଭୁବନେଶ୍ୱର,୯।୧୨(ପି.ଏନ): ଦେଶକୁ ଦୋହଲାଇ ଦେଇଥିବା ୨୦୧୯ ମସିହା ପୁଲୱାମା ହମଲାର ମୁଖ୍ୟ ଷଡଯନ୍ତ୍ରକାରୀ ମୋହିଉଦ୍ଦିନ ଔରଙ୍ଗଜେବ ଆଲମଗିରକୁ କିଛି ଲୋକ ଉଠାଇ ନେଇଛନ୍ତି। ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦର ବରିଷ୍ଠ କମାଣ୍ଡର ଭାବେ ପରିଚିତ ଆଲଗିର ଓ ତା'ର ଜଣେ ସମ୍ପର୍କୀୟଙ୍କୁ ପାକିସ୍ତାନରୁ ଅପହରଣ କରି ନିଆଯାଇଥିବା ଖବର ପ୍ରକାଶ ପାଇଛି।ଗୋଟିଏ କାର୍ ?ରେ କିଛି ଅଜଣା ଲୋକ ଉଭୟଙ୍କୁ ବଳପୂର୍ବକ ପାକିସ୍ତାନର ହାଫିଜାବାଦରୁ ଉଠାଇ ନେଇଛନ୍ତି। ଆଲମଗିର ଓ ତା' ସମ୍ପର୍କୀୟ ଡେରା ହାଜି ଗୁଲାମକୁ ଯାଉଥିବା ବେଳେ ଏହି ଘଟଣା ଘଟିଛି। କିନ୍ତୁ କିଏ ଓ କାହିଁକି ଆଲମଗିରକୁ ଅପହରଣ କରିଛନ୍ତି, ସେ ସମ୍ପର୍କରେ କିଛି ବି ଖବର ମିଳିନି।



## ଆରଏମଆରସିରେ ହେବ ଏଚଆଇଭି ସଂକ୍ରମିତଙ୍କର ଭାଇରାଲ ଲୋଡ୍ ପରୀକ୍ଷା: ଓଡିଶାର ରୋଗୀଙ୍କୁ ଆଉ ଅନ୍ୟ ରାଜ୍ୟକୁ ଯିବାକୁ ପଡିବ ନାହିଁ

ଭୁବନେଶ୍ୱର,୯।୧୨(ପି.ଏନ): ବର୍ତ୍ତମାନ ସମୟରେ ଏଚ୍‌ଆଇଭି ଏକ ଭୟଙ୍କର ବିମାରୀ । ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କରେ ଏଡସ ଓ ଏଚ୍‌ଆଇଭି ମାମଲା ହ୍ରାସ ପାଇବାରେ ଲାଗିଛି । ତେବେ ଓଡିଶା କଥା ବିଚାର କଲେ, ଯଦିଓ ଏଠାରେ ସଂକ୍ରମଣ ବ?ିନାହିଁ ତଥାପି ଏ କ୍ଷେତ୍ରରେ କୌଣସି ସୁଧାର ପରିଲକ୍ଷିତ ହୋଇନଥିବା ଜଣାପଡିଛି । ଏହି ଭୟଙ୍କର ବୀମାରୀକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ପୂର୍ବରୁ ଅନେକ ନୂଆ ପଦକ୍ଷେପ ଗ୍ରହଣ କରିଥିଲେ । ତେବେ ଏଚ୍‌ଆଇଭିକୁ ନେଇ ଆସିଛି ଏକ ଖୁସି ଖବର । ଏଣିକି ରାଜ୍ୟରେ ଏଚ୍‌ଆଇଭି ସଂକ୍ରମିତଙ୍କ ଭାଇରାଲ-ଲୋଡ୍ ପରୀକ୍ଷା କରାଯିବ । ରାଜଧାନୀ ଭୁବନେଶ୍ୱର ସ୍ଥିତ ଆଇସିଏମଆର-ଆରଏମଆରସିର ଅତ୍ୟାଧୁନିକ କୋବାସ ଲ୍ୟାବରେ ଏହି ପରୀକ୍ଷା କରାଯିବ । ଏନେଇ ଓକାକ୍ସ ଓ ଆରଏମଆରସି ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଏଚ୍‌ଆଇଭି ସଂକ୍ରମିତ ବା ଏଡସ ରୋଗୀଙ୍କ ଶରୀରରେ ଭୂତାଣୁ ସଂକ୍ରମଣ କେତେ ରହିଛି ତାହା ଜାଣିବା ପାଇଁ ଆଉ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡିବ ନାହିଁ ।ପୂର୍ବରୁ ଏଚ୍‌ଆଇଭି ସଂକ୍ରମିତଙ୍କ ଶରୀରରେ ଭାଇରାଲ ଲୋଡ୍ କେତେ ରହିଛି ତାହା ଜାଣିବା ପାଇଁ ନମୂନା ଅନ୍ୟ ରାଜ୍ୟକୁ ପଠାଇବାକୁ ପଡୁଥିଲା । ଏପରି ସ୍ଥିତିରେ ରିପୋର୍ଟ ଆସିବାକୁ ବହୁ ଦିନ ସମୟ ଲାଗୁଥିଲା । ତେବେ ଏଣିକି ରାଜ୍ୟର ଆରଏମଆରସି ଲାବରେ ଆରଟିପିସିଆର ଏଚ୍‌ଆଇଭି-୧ ଭାଇରାଲ ଲୋଡ୍ ପରୀକ୍ଷା କରାଯାଇ ପାରିବ । ନମୂନା ପଠାଇବାର ଗୋଟିଏ ଦିନ ଭିତରେ ରିପୋର୍ଟ ମିଳିପାରିବ । ରୋଗୀମାନେ ସଠିକ୍ ଚିକିତ୍ସା ପାଇଲେ ସେମାନେ ଦୀର୍ଘଦିନ ପର୍ଯ୍ୟନ୍ତ ସୁସ୍ଥ ଜୀବନଯାପନ କକରିପାରିବେ ।








## ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ମନ୍ଦିର ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟ ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୂକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜ୍ଞାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଡିସେମ୍ବର ୧୦**

# ନିର୍ବାଚନର ସନ୍ଦେଶ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଦେଶରେ ମିନି ସାଧାରଣ ନିର୍ବାଚନ କୁହାଯାଉଥିବା ପାଂଚଟି ରାଜ୍ୟର ବିଧାନସଭା ତଥା ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ, ତେଲେଙ୍ଗାନା ଏବଂ ମିଜୋରମ୍ର ଭୋଟ ଫଳାଫଳ କେନ୍ଦ୍ରରେ କ୍ଷମତାସୀନ ବିଜେପିର ଦବ୍‌ଦବାକୁ ଅକ୍ଷୁର୍ଣ୍ଣ ରଖିଛି । ହିନ୍ଦି ଭାଷାଭାଷୀ ତଥା କେନ୍ଦ୍ରୀୟ ଭାରତର ୩ ରାଜ୍ୟ ଛତିଶଗଡ ଏବଂ ରାଜସ୍ଥାନରେ କଂଗ୍ରେସ ହାତରୁ ବିଜେପି କ୍ଷମତା ଛଡାଇ ନେଇଥିବାବେଳେ ତେଲେଙ୍ଗାନାରେ କ୍ରମାଗତ ଦୁଇଥର କ୍ଷମତାସୀନ ଭାରତ ସଂଘର୍ଷ ସମିତି (ବିଆରଏସ) ଠାରୁ କଂଗ୍ରେସ କ୍ଷମତା ଦାଖଲ କରିଛି । ଉତର ପୂର୍ବାଚଂଳ ରାଜ୍ୟ ମିଜୋରାମରେ ଦୁଇ ଜାତୀୟ ଦଳ ବିଜେପି କଂଗ୍ରେସକୁ ଧୂଳି ଚଟାଇ ଆଂଚଳିକ ଦଳ କ୍ଷମତାସୀନ ହୋଇଛି । ଦକ୍ଷିଣ ଭାରତ ଏକ ପ୍ରକାର ବିଜେପିମୁକ୍ତ ହୋଇଥିବାବେଳେ ଉତର ଭାରତରେ ବିଜେପି ନିଜର ପ୍ରାଧାନ୍ୟ ବଜାୟ ରଖିବାରେ ସମର୍ଥ ହୋଇଛି । ନିର୍ବାଚନ ଫଳାଫଳକୁ ରାଜନୈତିକ ବିଶ୍ଳେଷକମାନେ ଉତର-ଦକ୍ଷିଣ ମଧ୍ୟରେ ବିଭାଜନ ବୋଲି ଯେଉଁ ମତ ପ୍ରକାଶ କରିଛନ୍ତି, ସେଥିରେ କୌଣସି ଯଥାର୍ଥତା ଥିବା ମନେହୁଏ ନାହିଁ । ଯଦି ନିର୍ବାଚନ ଫଳାଫଳକୁ ଅତି ଗଭୀରତମ ତଥା ସତର୍କତାର ସହ ଆଧୁନିକ କରାଯାଏ, ତେବେ ଏହା ସ୍ପଷ୍ଟ ଯେ, ଆଂଚଳିକବାଦ ତଥା ଉତର-ଦକ୍ଷିଣ ବିଭାଜନକାରୀ ଜନାଦେଶଠାରୁ ଏହା ବହୁ ଦୂରରେ ବୋଲି ନିସନ୍ଦେହରେ କୁହାଯାଇପାରିବ । ଭୋଟ ହାର ସ୍ପଷ୍ଟ କରିଦେଇଛି ଯେ, ଛତିଶଗଡ, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ କଂଗ୍ରେସ କ୍ଷମତା ହରାଇଛି ସତ କିନ୍ତୁ ବିଜେପିଠାରୁ ଅଧିକ ଭୋଟ ହାତେଇବାରେ ସମର୍ଥ ହୋଇଛି । ରାଜସ୍ଥାନରେ ବିଜେପି କଂଗ୍ରେସଠାରୁ ମାତ୍ର ୨ପ୍ରତିଶତ ଭୋଟ ଅଧିକ ପାଇଥିବାବେଳେ ଛତିଶଗଡରେ ୪ପ୍ରତିଶତ ଏବଂ ମଧ୍ୟପ୍ରଦେଶରେ ଭୋଟହାର ୮ ପ୍ରତିଶତ ଅଧିକ ରହିଛି । ଉଲ୍ଲେଖଯୋଗ୍ୟ ଯେ, କଂଗ୍ରେସ ରାଜସ୍ଥାନ, ଛତିଶଗଡ ଏବଂ ମଧ୍ୟପ୍ରଦେଶରେ ଯଥାକ୍ରମେ ୩୯ ପ୍ରତିଶତ, ୪୨ ପ୍ରତିଶତ ଏବଂ ୪୦ ପ୍ରତିଶତ ଭୋଟ ପାଇବାକୁ ସମର୍ଥ ହୋଇଛି । ଅନ୍ୟପକ୍ଷରେ ଦକ୍ଷିଣ ଭାରତ ରାଜ୍ୟ କର୍ଣ୍ଣାଟକ ବିଜୟ ପରେ ତେଲେଙ୍ଗାନାରେ ଦଳ କ୍ଷମତା ଦାଖଲ କରି ଜୟଯାତ୍ରା ଅବ୍ୟହତ ରଖିଛି । ତେବେ ରାଜନୈତିକ ବିଶାରଦଙ୍କ ମତରେ ଦକ୍ଷିଣ-ଉତର ବିଭାଜନ ଯଥାର୍ଥ ବୋଲି ଏଇଥିପାଇଁ କୁହାଯାଇପାରେ ଯେ, ତେଲେଙ୍ଗାନାରେ ବିଜେପିର ଭୋଟ ହାର ମାତ୍ର ୧୩.୯ ପ୍ରତିଶତ ଥିବାବେଳେ କଂଗ୍ରେସର ଭୋଟହାର ଗତ ୨୦୧୮ ତୁଳନାରେ ଦ୍ୱିଗୁଣିତ ଅର୍ଥାତ ୩୯.୪ ପ୍ରତିଶତରେ ପହଁଚିଛି ଯାହାକି ବିଜେପିର ଭୋଟ ହାର ୩ଗୁଣ ନିର୍ବାଚନରେ ପ୍ରତିଫଳିତ ହୋଇଛି । କିନ୍ତୁ ଏହା ନିଶ୍ଚିତ ଯେ, ଏହି ନିର୍ବାଚନ ଫଳାଫଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ । କହିବା ବାହୁଲ୍ୟ ଯେ, ମଧ୍ୟପ୍ରଦେଶରେ ବିଜେପିର ବିଜୟ ଗତାନୁଗତିକ ଥିବାବେଳେ ଛତିଶଗଡରେ ବିଜୟ ଅତ୍ୟନ୍ତ ଚିତାକର୍ଷକ ଏବଂ ରାଜସ୍ଥାନରେ ବିଜୟରେ ଆଦୌ ବିସ୍ମିତ ହେବାର ନାହିଁ । ବୁଥ ବାହୁଡା ମତାମତ ଆଧାରରେ ଗଣମାଧ୍ୟମ ଆକଳନ ସମ୍ପୂର୍ଣ୍ଣ ଭୁଲ ଏବଂ ଅମୂଳକ ପ୍ରମାଣିତ ହୋଇଛି । ଗଣମାଧ୍ୟମ ଆକଳନ ଅନୁଯାୟୀ ଫଳାଫଳ ୫୦:୫୦ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲାବେଳେ ବିଜେପି ୩-୧ରେ କ୍ଷମତା ଦଖଲ କରିଛି । ଏହା ନିଶ୍ଚିତ ଯେ, ବିଜେପିର ସୁଚିନ୍ତିତ ରଣନୀତି ଏବଂ ବିରୋଧି କଂଗ୍ରେସର ବିଫଳତାକୁ ଲୋକଲୋଚନକୁ ଆଣିବାରେ ସମର୍ଥ ହୋଇଛି । କେବଳ ଏତିକି ଖୋଦ୍ ଦଳର ସୁପ୍ରିମୋ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ପ୍ରଚାରର ନେତୃତ୍ୱ ନିଜେ କାନ୍ଧକୁ ନେଇ କୌଣସି ରାଜ୍ୟସ୍ତରୀୟ ନେତାଙ୍କୁ ଦେଇନଥିଲେ । ଅବଶ୍ୟ ୨୦୧୪, ୨୦୧୯ର ଲୋକପ୍ରିୟତା ମୋଦୀଙ୍କର ଏବେ ଆଉ ନଥିବା ମନେ ହେଉଥିବାବେଳେ ଏବେ ସେ ଦେଶରେ ସବୁଠାରୁ ଲୋକପ୍ରିୟ ନେତା ଏହା ପ୍ରମାଣିତ ହୋଇଛି । ଅନ୍ୟପକ୍ଷରେ କଂଗ୍ରେସ ନିର୍ବାଚନର ନେତୃତ୍ୱ ରାଜ୍ୟସ୍ତରୀୟ ନେତାଙ୍କ ଉପରେ ଛାଡି ଦେଇଥିବାବେଳେ ବିଜେପିର ବିଫଳତା, କୁଶାସନ ସମ୍ପର୍କରେ ଭୋଟରଙ୍କୁ ଅବଗତ କରାଇବାରେ ବିଫଳ ହୋଇଛି । କେବଳ ଏତିକି ନୁହେଁ, ଦଳରେ ଆଭ୍ୟନ୍ତରୀଣ କନ୍ଦଳ, ନେତୃତ୍ୱ ପାଇଁ ଟଣାଓଟରା ମହଙ୍ଗା ସାବ୍ୟସ୍ତ ହୋଇଛି । ରାଜସ୍ଥାନ ଓ ଛତିଶଗଡରେ ଗତ ୨୦୧୮ରେ କ୍ଷମତା ଦଖଲ କରିବା ପରଠାରୁ ଦଳରେ ନେତୃତ୍ୱ ପରିବର୍ତନ ପାଇଁ କିଛି ଉଚ୍ଚାଭିଳାଷୀ ନେତା ଯେପରି ହଟଚମଟ ସୃଷ୍ଟି ଜାରି ରଖିଲେ, ତାହାକୁ ଭୋଟଦାତା ସହଜରେ ଗ୍ରହଣ କରିପାରିନାହାଁନ୍ତି । ଯେଉଁଥିପାଇଁ କି ଜିତୁ ଜିତୁ କଂଗ୍ରେସ ବିଜୟକୁ ହାତଛଡା କରିଛି । ମଧ୍ୟପ୍ରଦେଶରେ ଘର ଦଳବଦଳ କଂଗ୍ରେସ ସରକାର ପତନର ମୁଖ୍ୟ କାରଣ ହୋଇଥିବାବେଳେ ଏଥିରୁ ଦଳର ନେତୃତ୍ୱ କିଛି ଶିକ୍ଷା କରିପାରିଲେ ନାହିଁ, ବୋଲି କହିଲେ ଅତିରଂଜିତ ହେବ ନାହିଁ । ତେଲେଙ୍ଗାନାରେ କ୍ଷମତା ଦଖଲ ଏବଂ ଭୋଟ ହାର ବୃଦ୍ଧି କଂଗ୍ରେସ ପାଇଁ ଆଶ୍ୱସ୍ତି ଆଣିଦେଇଛି ସତ, କିନ୍ତୁ ପ୍ରକୃତ ଲଢେଇ ୨୦୨୪ରେ ହେବ । ଏଠାରେ ବ୍ୟକ୍ତି ଅପେକ୍ଷା ବିଚାରଧାରା, ଦୂରଦୃଷ୍ଟି, ଦଳର ଜନହିତକର ଚିନ୍ତାଧାରା ଉପରେ ଲଢେଇ ହେବ, ଏହା ହିଁ ନିର୍ବାଚନର ସନ୍ଦେଶ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,*
*ଶିଶୁପାଳଗଡ, -୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ଯୁଦ୍ଧାୟ କୃତନିଶ୍ଚୟ...

୨୦୦୩ ମସିହା ଅକ୍ଟୋବର ୩୧ ତାରିଖରେ ଜାତିସଙ୍ଘର ଆନୁଷ୍ଠାନିକ ବୈଠକରେ ନିଷ୍ପତ୍ତି (ସଂଖ୍ୟା-୫୮/୪) ଗ୍ରହଣ କରାଗଲା ଯେ ଡ୍ରଗ୍ସ ଆଣ୍ଡ କ୍ରାଇମର ଜାତିସଙ୍ଘ କାର୍ଯ୍ୟାଳୟକୁ ଏହାର ସଚିବାଳୟରେ ପରିବର୍ତ୍ତିତ କରାଯିବ । ଦୁର୍ନୀତି ପ୍ରତି ସଚେତନତା ସୃଷ୍ଟି ଏବଂ ଏହାର ମୁକାବିଲା ଓ ପ୍ରତିରୋଧ କରିବାରେ ଜାତିସଙ୍ଘର ଭୂମିକା ବିଷୟରେ ଅବଗତ କରାଇବା ପାଇଁ ୯ ଡିସେମ୍ବରକୁ ଅନ୍ତର୍ଜାତୀୟ ଦୁର୍ନୀତି ବିରୋଧୀ ଦିବସ ଭାବେ ଘୋଷଣା କରାଗଲା । ଡିସେମ୍ବର ୨୦୦୫ରେ ଏହା କାର୍ଯ୍ୟକାରୀ ହେଲା । ଦୁର୍ନୀତି ଏକ ଜଟିଳ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟାଧି, ଯାହା ସମଗ୍ର ବିଶ୍ୱକୁ କବଳିତ କରିଛି । ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭିତ୍ତିଭୂମିକୁ ଦୁର୍ବଳ କରିବା ସହ ଅର୍ଥନୈତିକ ବିକାଶକୁ ଏହା ମନ୍ଥର କରିଚାଲିଛି । ସରକାରୀ ଅସ୍ଥିରତାର କାରକ ସାଜିଛି ଭ୍ରଷ୍ଟାଚାର । ନିର୍ବାଚନ ପ୍ରକ୍ରିୟାକୁ ବିକୃତ କରି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ମୂଳଦୁଆକୁ ଆକ୍ରମଣ କରିଚାଲିଛି । ଆଇନ କାନୁନ ଉଲ୍ଲଂଘନ କରିବା ସହ ଅମଲାତନ୍ତ୍ର ସମ୍ବନ୍ଧୀୟ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି । ଏସବୁ ତିଷ୍ଠିବାର ଏକମାତ୍ର କାରଣ ହେଉଛି ଲାଞ୍ଚ । ବିଦେଶୀ ପ୍ରତ୍ୟକ୍ଷ ନିବେଶ ହତୋତ୍ସାହିତ କରାଯିବାରୁ ଅର୍ଥନୈତିକ ବିକାଶ ହୋଇପାରୁନାହିଁ । ଦୁର୍ନୀତି ଯୋଗୁଁ ବ୍ୟବସାୟ ଆରମ୍ଭ ପାଇଁ ଆବଶ୍ୟକ ଅର୍ଥ ମିଳିପାରୁନାହିଁ, ଯାହାଦ୍ୱାରା ଦେଶରେ କ୍ଷୁଦ୍ର ବ୍ୟବସାୟ ଅଧିକାଂଶ ସମୟରେ ଅସମ୍ଭବ ହେଉଛି । ଭାରତୀୟ ଗଣତାନ୍ତ୍ରିକ ଓ ପ୍ରଶାସନିକ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଯେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିବା ଭାରତରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସବୁକ୍ଷେତ୍ରରେ ଭୂମିକା ଗ୍ରହଣ କରାଯାଉଛି । ତଥାପି ଆଜି ସମାଜର ସବୁଠି ଓ ସବୁକ୍ଷେତ୍ରରେ ଏହାର କାୟା ବଢ଼ିବାରେ ଲାଗିଛି । ଏପରି ଏକ ସମୟ ପହଞ୍ଚିଲାଣି ବିନା ଦୁର୍ନୀତିରେ, ପ୍ରିୟାପ୍ରୀତିରେ ସତେ ଯେପରି ଖଣ୍ଡିଏ କାଗଜ ବି ସରକାରଙ୍କ ଦପ୍ତର ଠାରୁ ବେସରକାର ଦପ୍ତରରେ ମଧ୍ୟ ଉଠି ନଥିବାର ଅଭିଯୋଗ ହୁଏ । ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତି ଠାରୁ ସବୁ କ୍ଷେତ୍ରରେ ଦୁର୍ନୀତିର ବିଭିନ୍ନ ରୂପ ଅନେକ ସମୟରେ ଦେଖାଯାଏ ଯାହାକୁ ନେଇ ଗଣମାଧ୍ୟମରେ ବିସ୍ତୃତ ଖବର ପ୍ରକାଶ ପାଏ । ଜଣେ ରାଜନେତା ଏକଦା ପରିହାସ ଛଳରେ କହିଥିଲେ ଯେ 'ଦୁର୍ନୀତିକୁ ନୀତି କରିଦେଲେ ଆଉ କିଛି ଅସୁବିଧା ରହିବ ନାହିଁ ।' ଦୁର୍ନୀତି ଅର୍ଥ ନୀତି ଠାରୁ ଦୂର । ନ୍ୟାୟ ଓ ଧର୍ମର ବିରୋଧୀ ଅନ୍ୟାୟ ନୀତି, ଅସତ୍ ଆଚରଣ ବା ଅସତ୍ କର୍ମକୁ ଦୁର୍ନୀତି କୁହାଯାଏ ।

ଜାତି, ଧର୍ମ, ବର୍ଣ୍ଣ, ବିଦ୍ୟା ଓ ସଭ୍ୟତା ନିର୍ବିଶେଷରେ ଉପର ଠାରୁ ତଳ ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ବ୍ୟାପିଯାଇଛି ଓ ସମାଜକୁ ପଙ୍ଗୁ କରିଦେଇଛି । ନୀତି ବିହୀନ ମନୁଷ୍ୟ ପଶୁ ସହିତ ସମାନ । ଏହି ପାଶବିକ ପ୍ରବୃତ୍ତି ମଧ୍ୟରେ ମନୁଷ୍ୟର ଦୁର୍ବଳତା, କାମ, କ୍ରୋଧ, ମଦ, ଲୋଭ, ମାତ୍ସର୍ଯ୍ୟ ଓ ଅହଂକାର ଇତ୍ୟାଦି ଲୁଚି ରହିଛି । ତେଣୁ ଏହି ପ୍ରବୃତ୍ତି ବା ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନ ପାଇଁ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜକୁ ଆହ୍ୱାନ ଦେଇ କହିଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକି ଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସତର୍କ କରି କହିଛନ୍ତି - ସବୁ ସମୟ ସ୍ମରଣ ରଖ, ସଜାଗ ରୁହ ସତର୍କତାର ସହିତ, କାହାର ଅକୃତଜ୍ଞତା, ବିଶ୍ୱାସଘାତକତା, ଚୌର୍ଯ୍ୟପ୍ରବୃତ୍ତି, ଦାୟିତ୍ୱହୀନତା ଓ ସେବା ବିମୁଖତାକୁ ପ୍ରଶୟ ଦିଅନାହିଁ । ଏହା ହେଉଛି ସତ୍ତା ସମ୍ବର୍ଦ୍ଧନାର ସର୍ବନାଶ ବିଷାକ୍ତ ପ୍ରବୃତ୍ତି । ଏହି ଦୁର୍ନୀତିରେ ବୁଡ଼ି ବୁଡ଼ି ମନୁଷ୍ୟ ସୁନୀତିକୁ ଭୁଲିଯାଇଛି । ବଦ୍ ଅଭ୍ୟାସରେ ରହି ସତ୍ ଅଭ୍ୟାସକୁ ଭୁଲି ଯାଇଛି, ଏହି ଦୁର୍ନୀତିକୁ ପ୍ରତିରୋଧ କରିବା ପାଇଁ ସଂଗ୍ରାମର ଆବଶ୍ୟକତା ରହିଛି । ଯେଉଁମାନେ ନିରୋଧ କରିବେ ସେମାନେ ହେବେ ବୀର ପୁରୁଷ । ପ୍ରରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ କହିଛନ୍ତି - ଚୋରି କରନାହିଁ; ଚାହିଦାରେ ଘୃଷ୍ଟ ବୁଦ୍ଧିବୃତ୍ତି କାହାକୁ ମଧ୍ୟ ଉଦ୍‌ବୃତ୍ତ ନକରି ଅନ୍ୟାଯ୍ୟଭାବରେ, ଅଜ୍ଞାତସାରରେ ପରିପୂରିତ ହେବାକୁ ଚାହେଁ - ତାହା ହିଁ ଚୌର୍ଯ୍ୟ; ଚୌର୍ଯ୍ୟରେ ବୁଦ୍ଧିବୃତ୍ତି ଦିନୁ ଦିନ ଅନ୍ୟର କ୍ଷତିକରି ଅପକର୍ଷ ପ୍ରତି ଧାବିତ ହୁଏ ବୋଲି ଅର୍ଥାତ୍, କରିବା ଭିତର ଦେଇ ଯେପରି ଭାବରେ ଚାହିଦାକୁ ପୂରଣ କଲେ ବୋଧ ଓ ଜ୍ଞାନର ଉନ୍ମେଷରେ ତାହା ମିଳିଯାଏ - ତାହା ହିଁ ଚୌର୍ଯ୍ୟରେ ଆହତ ଓ ଅବସନ୍ନ ହୋଇ ଅଧର୍ମକୁ ଆଲିଙ୍ଗନ କରେ ବୋଲି ଏତେ ଘୃଣ୍ୟ, ଏତେ ପାପ, ଏତେ ହୀନତା - ତେଣୁ କୁହେ, ଏହି ଚୌର୍ଯ୍ୟ ବୁଦ୍ଧିକୁ ପ୍ରଶ୍ରୟ ଦେଇ ତୁମର ଓ ତୁମ ପାରିପାର୍ଶ୍ୱିକର ସର୍ବନାଶ କରନା, ସାବଧାନ ହୁଅ । ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କଲେ - ସର୍ବପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତଡ, ଯେତେ ଶୀଘ୍ର ପାର ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଭେମ୍ପେୟାରକୁ (ବାଦୁଡ଼ି) । ସ୍ମରଣ କର ତୁମେ ସାହସୀ, ସ୍ମରଣ କର ତୁମେ ଶକ୍ତିର ତନ୍ମୟ, ସ୍ମରଣ କର ତୁମେ ପରମପିତାଙ୍କର ସନ୍ତାନ । ଏହି ଦୁର୍ନୀତି ବିରୋଧୀ ଆତ୍ମ ସଂଶୋଧନ ଇଚ୍ଛୁକ ବୀରମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ । ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କରି କହୁଛି ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ । ଆଜି ବିଶ୍ୱ ଦୁର୍ନୀତି ନିରୋଧ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ଦୁର୍ନୀତି ବିରୋଧରେ ଚେତନାକୁ ଜାଗ୍ରତ କରିବା ସହ ଏହାକୁ କାର୍ଯ୍ୟରେ କରି ଦେଖାଇଲେ ଏହି ଦିବସର ତାତ୍ପର୍ଯ୍ୟ ଗୁରୁତ୍ୱ ରଖନ୍ତା ।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସହ-ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ନ୍ୟାୟ ପାଇବାରୁ ବଞ୍ଚିତ ଅସହାୟ ଗରିବ ଓ ମଧ୍ୟବିତ୍ତ

ସ୍ୱାଧୀନତାର ୭୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାର ଓ ପୁଲିସ ପ୍ରଶାସନର ଦାୟିତ୍ୱହୀନତା ସମ୍ବେଦନହୀନତା ଏବଂ ଭ୍ରଷ୍ଟବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଉତ୍ତରଦାୟୀ । ଦୀର୍ଘ ୨୦୦ବର୍ଷରୁ ଅଧିକ ସମୟ ପ୍ରଯ୍ୟନ୍ତ ଅହଂକାରୀ ନିଷ୍ଠୁର ଅତ୍ୟାଚାରୀ ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଭଗତ ସିଂ ଜୟଗୁରୁ, ଶୁକଦେବ, ସୁବାଷ ବୋଷ,ତାନ୍ତିଆଟୋପେ ରାଣୀଲକ୍ଷ୍ମୀବାଇ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀ ଙ୍କର ତ୍ୟାଗ, ବଳିଦାନ,ଆପ୍ରାଣ ଉଦ୍ୟମ,ମାତୃଭୂମି ପାଇଁ ନିସ୍ୱାର୍ଥ ଭଲପାଇବା ପାଇଁ ଆମ ଦେଶ ଇଂରେଜମାନଙ୍କ ଗୁଲାମୀରୁ ମୁକ୍ତ ହେଇଥିଲା । ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱପ୍ନ, ଆଶା, ବିଶ୍ୱାସ, ଭରସା ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ଗରିବ ଓ ମଧ୍ୟବିତ୍ତ ଅସହାୟ ଜନତା ଯେଉଁମାନେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ସଂଘର୍ଷ କରୁଛନ୍ତି ସେମାନଙ୍କ ଜୀବନରେ ପରିବର୍ତ୍ତନ ଘଟିବ, ସେମାନଙ୍କୁ ନ୍ୟାୟ ମିଳିବ, ଉନ୍ନତ ଶିକ୍ଷା ସ୍ୱାସ୍ଥ୍ୟ ସେବା ଏବଂ ଉତ୍ତମ ପୃଷ୍ଟିକର ଖାଦ୍ୟ ମିଳିବ । କିନ୍ତୁ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏହା 'ଆକାଶ କଇଁଆ ଚିଲିକା ମାଛ' ସଦୃଶ । ଆମ ସରକାର ଜନ୍ମ ରୁ ମୃତ୍ୟୁ ପ୍ରଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ମାଳ ମାଳ ବିଶ୍ୱସ୍ତରୀୟ ଐତିହାସିକ ଯୋଜନା ଲାଗୁ ପାଇଁ ପ୍ରଶଂସା ଏବଂ ପୁରସ୍କାର ଗୋଟାଉଛନ୍ତି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଗରିବ ମଧ୍ୟବିତ୍ତ ଅସହାୟ ଜନତା ନ୍ୟାୟ ପାଇବା ପାଇଁ ଆଜିବି ସଂଘର୍ଷ କରୁଛନ୍ତି । 'ତେଲିଆ ମୁଣ୍ଡରେ ତେଲ ' ଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଛି । ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭା ରେ ଦେଇଥିବା ମନ୍ତବ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶ ରେ ପାଖ ପାଖି ୫ କୋଟି ରୁ ଅଧିକ ମାମଲା ବିଭିନ୍ନ କୋର୍ଟ ରେ ବିଚାରଧୀନ ଅଛି । ଭାରତ ର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ରେ ୬୯୦୦୦ ରୁ ଅଧିକ ମାମଲା ଏବେବି ବିଚାରଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇକୋର୍ଟ ରେ ୫୯ ଲକ୍ଷ ମାମଲା ଏବେବି ବିଚାରଧୀନ ଅଛି । ଏହିସବୁ ମାମଲାର ତୁରନ୍ତ ବିଚାର ପାଇଁ ଆମ ସରକାର ଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନା ର ବିଷୟ । ଆମ ବ୍ୟବସ୍ଥା ର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଜନତା ନ୍ୟାୟ ପାଇବା ରୁ ବଞ୍ଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନତା ଆମ ସରକାର , ପ୍ରଶାସନ ଏବଂ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି । ରାଜଧାନୀ ଭୁବନେଶ୍ୱର ଏବଂ ବ୍ୟସ୍ତବହୁଳ ସର୍ବପୁରାତନ କଟକ ସହରକୁ ଅପରାଧୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରିବା ପାଇଁ ଓଡିଶା ସରକାର ୨୦୦୮ରେ କମିଶନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ହୋଇଥିଲା । କମିଶନରେଟ ପୁଲିସର ଅଫିସିଆଲ ଲୋଗୋରେ 'ଆମେ ଯତ୍‌ବାନ -ଆମେ ସାହସୀ' ସ୍ଲୋଗାନ ସ୍ଥାନିତ ହୋଇଛି । କିନ୍ତୁ ନେତା, ମନ୍ତ୍ରୀ, ରାଜନୈତିକଦଳର ବ୍ୟକ୍ତିବିଶେଷ ଏବଂ ତାଙ୍କର ଛତ୍ରଛାୟାରେ ଗଢି ଉଠିଥିବା ଅସାମାଜିକ ତତ୍ତ୍ୱ, ଗୁଣ୍ଡା, କ୍ରିମିନାଲ,ଅପରାଧୀ, ଗ୍ୟାଙ୍ଗଷ୍ଟାର ଭଳି ପ୍ରଭାବଶାଳୀ କୋଟିପତି ଯେଉଁମାନେ ବିଭିନ୍ନ ଅପରାଧ ଯେପରି ଧର୍ଷଣ, ଗଣଧର୍ଷଣ, ହତ୍ୟା,ଲୁଣ୍ଠନ, ଦଙ୍ଗା, ଗ୍ୟାଙ୍ଗୱାର,ଡକାୟତି ଭଳି ଜଘନ୍ୟ କାର୍ଯ୍ୟରେ ସଂଶିଷ୍ଟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ କମିଶନରେଟ ପୁଲିସ ପଛଘୁଞ୍ଚା ଦେଉଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ । କେତେକ ଅସାଧୁ ଭ୍ରଷ୍ଟାଚାରୀ ପୋଲିସ ଅଫିସର ମାନଙ୍କ ସହିତ ଅପରାଧୀ ଅସାମାଜିକ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ରହିଥିବାର ବାରମ୍ବାର ଅଭିଯୋଗ ହୁଏ ଏବଂ ଅନେକାଂଶରେ ଏହା ସତ୍ୟ ପ୍ରମାଣିତ ହୁଏ । କମିଶନରେଟ ପୁଲିସ ଅଣ୍ଡରରେ ଏବେ କଟକ ଓ ଭୁବନେଶ୍ୱରର ୪୩ଟିପୁଲିସ ଷ୍ଟେସନ କାର୍ଯ୍ୟ କରୁଛି । ଓଡିଶା ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୨୦୨୧ରେ ୧,୫୫୪୨୦ଟି ମାମଲା କମିଶନରେଟ ପୁଲିସ ପଞ୍ଜିକୃତ କରିଥିଲା ଏବଂ ୨୦୨୨ରେ ଏହା ରେକର୍ଡ ସ୍ତର ରେ ପହଞ୍ଚିଥିଲା ଯାହାକି ୧,୭୮୧୯୦ଟି ମାମଲା । ଏହି ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ ଥିଲା । ଏହିଭଳି ପରିସ୍ଥିତିରେ ବାରମ୍ବାର ପୁନରାବୃତ୍ତି ଘଟିଲେ ଏହା ଆମ ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱର ଓ କଟକ ସହର କ୍ରାଇମ୍ କ୍ୟାପିଟାଲରେ ପରିଗଣିତ ହେବ ।ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରର ୨୦୨୧ତଥ୍ୟ ଅନୁସାରେ ଅପରାଧୀ ମାନଙ୍କ ବିରୁଦ୍ଧରେ ଚାର୍ଜସିଟ ଫାଇଲ କରିବାରେ ଆମ ରାଜ୍ୟ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି । ଓଡିଶାର କନଭିକସନ ରେଟ ମାତ୍ର ୧୧.୨% ରହିଛି । ଏହା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ । ଓଡିଶା ହାଇକୋର୍ଟଙ୍କ ଅଫିସିଆଲ ଡାଟା ଅନୁସାରେ ୦୯-ସେପ୍ଟେମ୍ବର -୨୩ ସୁଦ୍ଧା ସମୁଦାୟ ୧,୪୫୨୮୧ଟି ମାମଲା ହାଇକୋର୍ଟରେ ବିଚାର ନହୋଇ ଏବେବି ପଡିରହିଛି । ବିଭିନ୍ନ କୋର୍ଟରେ ବିଚାରଧୀନ ମାମଲା ଆମରାଜ୍ୟ ଓଡିଶାରେ ୯୮.୭% । ୨୦୨୧ରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୬,୯୫,୧୯୮ଟି ମାମଲା ଏବେବି ବିଚାର ନହୋଇ ପଡ଼ିରହିଛି । ସେହି ମାମଲା ଗୁଡ଼ିକର ଟ୍ରାଇଲ ଆଜି ପ୍ରଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏପରି ଅନେକ ଘଟଣା ଯାହାକି ପୁଲିସର କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ କିଛି ବର୍ଷ ହେବ ଆମ ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରରେ ଅସାମାଜିକ ବ୍ୟକ୍ତି,ମଦ୍ୟପ, ପେଶାଦାର ଦୃର୍ଦାନ୍ତ ଅପରାଧୀ ଓ ଡକାୟତ ମାନଙ୍କର ଭୂସ୍ୱର୍ଗ ପାଲଟିଛି । ସେମାନେ ଅତ୍ୟନ୍ତ ଚତୁରତାର ସହ ବେଫିକର ହୋଇ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି । ଏପରିକି ରାଜଧାନୀରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପାଦୁର୍ଭାବ ଏତେ ମାତ୍ରାରେ ବଢ଼ିଯାଇଛି ସେମାନେ ଏବେ ପୁଲିସ ଅଫିସରମାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି । ହକି ବିଶ୍ୱକପ ଅବ୍ୟାହତି ପୂର୍ବରୁ ଘଟିଥିଲା ଏକ ଅଭାବନୀୟ ଘଟଣା । ଭୁବନେଶ୍ୱର ମହିଳା ଥାନାରେ ଥିବା ସବ୍‌ଇନସ୍ପେକ୍ଟର ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ପାର୍ଶ୍ୱରେ ଥିବା ରିଜର୍ଭ ଅଫିସ କ୍ୱାଟର୍ସକୁ ଫେରୁଥିଲେ । ସେତେବେଳେ ରାତି ୧:୩୦ ହୋଇଥିଲା । ସେହି ସମୟରେ ଇନୋଭା ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ପିଛା କରିଥିଲେ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ମଧ୍ୟରୁ ଜଣେ ଖଣ୍ଡା ଧରି ଚିତ୍କାର କରିଥିଲା । ପ୍ରାଣ ବିକଳରେ ସେହି ମହିଳା ଅଫିସର ସାହାଯ୍ୟ ପାଇଁ ନିଜର ସ୍ୱାମୀ ଓ ଭାଇଙ୍କୁ ଡାକିଥିଲେ । ଏବେ କିଛିଦିନ ପୂର୍ବରୁ ଏୟାରଫିଲଡ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ହୃଦୟ ବିଦାରକ ଘଟଣା ପୁଣି ଥରେ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ଯୌତୁକ ପାଇଁ ଜଣେ ନିରୀହ ବଧୂ ଉପରେ ବର୍ବରତା ଓ ନିଷ୍ଠୁରତାର ସହ ହତ୍ୟା କରାଯାଇଛି । ଆଉ ଜଣେ ଅସାମାଜିକ ବ୍ୟକ୍ତି ୪ବର୍ଷର ଶିଶୁ କନ୍ୟାକୁ ବର୍ବରତାର ସହ ଦୁଷ୍କର୍ମ କରିବା ପରେ ଅତି ଜଘନ୍ୟ ଭାବେ ତଣ୍ଟିକାଟି ହତ୍ୟା କରିଥିଲା । ଏହା ଅତ୍ୟନ୍ତ ହୃଦୟ ବିଦାରକ ଓ ଲୋମହର୍ଷଣକାରୀ ଘଟଣା । ଆଉ ଜଣେ ବ୍ୟକ୍ତି ଯିଏକି ସଦାସର୍ବଦା ନିଶାଦ୍ରବ୍ୟ ସେବନ କରେ, ସେ ନିଜର ପ୍ରେମିକାକୁ ହତ୍ୟା କରି ଝୁଲାଇ ଦେଇଥିଲା । ଗୋଟିଏ ଦିନରେ ଭୁବନେଶ୍ୱର ଏୟାରଫିଲଡ଼ ଅଞ୍ଚଳରେ ତିନିଜଣ ମହିଳାଙ୍କୁ ହତ୍ୟା କମିଶନରେଟ ପୁଲିସର ଦାୟିତ୍ୱହୀନତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ତେଣୁ ସମୟ ଆସିଛି ଆମ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମ୍ବଦନତା ପ୍ରକାଶ କରନ୍ତୁ । ସମସ୍ତଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଏହା ଉଲ୍ଲେଖି ଅଛି ଯେ ଆଇନର ଉର୍ଦ୍ଧରେ କେହି ନୁହଁନ୍ତି । ଅପରାଧୀ ଯେତେବି ଶକ୍ତିଶାଳୀ, ପ୍ରଭାବଶାଳୀ, କ୍ଷମତାର ଅଧିକାରୀ ହୋଇଥିଲେବି ଆଇନି ଅନୁସାରେ ସେ ନିଶ୍ଚିତ ଦଣ୍ଡିତ ହେବେ । କିନ୍ତୁ ବାସ୍ତବରେ ଆମ ସମାଜରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ । ଯାହା ପାଖରେ ଅଜସ୍ର ଅର୍ଥ,କ୍ଷମତା, ପଦପଦବୀ ଥାଏ ସେ ଆଇନକୁ ପ୍ରଭାବିତ କରିପାରେ । 'ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ' ଏହି ଉକ୍ତି ସତ୍ୟ ପ୍ରମାଣିତ ହୁଏ । ଏବେ ଘଟିଥିବା ରେଞ୍ଜରୋଭର ଦୁର୍ଘଟଣା ମାମଲା ଏହାର ଜ୍ୱଳନ୍ତ ଉଦାହରଣ । କମିଶନରରେଟ ମୁଖ୍ୟାଳୟ ନିକଟ ପାୱାରହାଉସ ଛକରେ ପୂର୍ବତନ ମନ୍ତ୍ରୀ ନବଦାସଙ୍କ ପୁଅ ବିଶାଳ ଦାସଙ୍କ ରେଞ୍ଜରୋଭର ଗାଡି ଧକ୍କାରେ ଜଣେ ନିରୀହ ଯୁବତୀ ଲୋପାମୁଦ୍ରାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ଆଉ ଜଣେ ଅବସରପ୍ରାପ୍ତ ସିଆଇଏସଫ୍ ଯବାନ ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । କିନ୍ତୁ ଅତ୍ୟନ୍ତ ବିଡମ୍ବନାର ବିଷୟ ଏହାକି କମିଶନରେଟ ପୁଲିସ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି ।



ଆଶୁତୋଷ ନାୟକ

ଗୋପାଳପୁର, ବାଲେଶ୍ୱର,,
ମୋବାଇଲ -୭୦୨୦୬୧୧୩୦୦

# ମହାନ୍ ବିପ୍ଳବୀ - ବାଘା ଯତୀନ୍

ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆର୍ବିଭାବ ଘଟେ । ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ । ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ରଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ । ଯାହାର କ ବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୃଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରଖିବା ବିଧେୟ । ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା । ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ ।ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ । ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ । ତାଙ୍କ ପାଟି ଶୁଣି ମା କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ । ସେୟା ହେଲା କୁକୁରଟି ପଳାଇଗଲା । ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ । ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା । ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ । ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ । ମା କହିଲେ ମୋ ପୁଅ ଭାରି ସାହାସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ । ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ ।ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ । ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ । ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା । ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ । ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ । ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା । ଦିନକର ଘଟଣା । ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି । ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ । ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା । ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା । ଲଢ଼େଇରେ ବାଘଟି ମରିଗଲା । ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ । ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ । ସେ ମା'ଙ୍କଠାରୁ ସାହାସିକତା ଓ ବିପଦବେଳେ ଧୈର୍ଯ୍ୟ ଧରିବା ଶିକ୍ଷା କରିଥିଲେ । ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା । ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି । ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ । ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍‌କା ମାରିଦେଲେ । ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ । ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ ।

ଯତୀନ୍ କ୍ରିଷ୍ଣାନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସେ ାଲ କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ । ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା । ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ । ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ । ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା । ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ । ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ । ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ । ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ । ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା । ଇଂରେଜ ସରକାରଙ୍କୁ ଦେଶରୁ ତଡିବା । ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ । ଆଲ୍ଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ । ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଟ୍ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା । ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ । କିଛି ଦିନପରେ ଯତୀନ୍ ଜେଲ୍‌ରୁ ମୁକ୍ତି ଲାଭକଲେ ।

ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ । ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ । ଚତୁରତାର ସହିତ ଯତୀନ୍ ହାୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ । ଯତୀନଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା । ତେଣୁ ଯତୀନ୍ ପଞ୍ଜାବ ପଳାଇଲେ । ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ । ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଆସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ । ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା । ଦେଶଭକ୍ତ ମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା । ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା । ମେଭ୍‌ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ । ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚି ପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ । ଫ୍ରାନ୍ସ ସରକାର ମେଭ୍‌ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା । ମେଭ୍‌ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ । ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ ।

ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦେଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି । ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି । ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ । ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ । ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ । ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ । କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ । ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ । ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ । ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍‌ଛତ୍ର ହୋଇଗଲେ । ଇଂରେଜ ସୈନିକଙ୍କ ଗୁଳିରେ ଚି ପ୍ରିୟ ଟଳିପଡିଲେ । ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ । ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ । ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା । ସେ ପାଣି ପାଣି ବୋଲି ଚିତ୍କାର କଲେ । ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ । ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ । ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ । ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ । ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି ।



ଅକ୍ଷୟ କୁମାର ରାଉତ

ପାରାଦ୍ୱୀଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.ନଂ.- ୯୯୩୭୬୯୧୪୭୫




# ଭାରି ଭୁଲ ହୋଇଗଲା


ନିରଞ୍ଜନ ସାହୁ

ସେଦିନ କପିଳାସ ଚନ୍ଦ୍ରଶେଖର ଜୀଉ ମହାଦେବଙ୍କ ପୀଠ କାଉଡ଼ିଆ ଭକ୍ତମାନଙ୍କର ପ୍ରବଳ ସମାଗମରେ ଉଛୁଳି ଉଠୁଥିଲାଖ ହରହର ମହାଦେବ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହେଉଥିଲେ ବି ସୁମନ୍ତ ବାବୁ ଟିକିଏ ନିରୋଳାରେ ବସି ଠାକୁରଙ୍କୁ ଧ୍ୟାନ କରିବା ପାଇଁ କୌଣସି ସ୍ଥାନ ନ ପାଇ ଭାରି ବିରକ୍ତି ପ୍ରକାଶ କରୁଥିଲେଖ ପିଲାଟି ଦିନରୁ ସେ ଶିବଭକ୍ତଖ ଆଜି ଶ୍ରାବଣ ସୋମବାରରେ ପ୍ରଭୁ ଚନ୍ଦ୍ରଶେଖରଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ଅଫିସରୁ ଛୁଟି ଆଣି ସେ କପିଳାସ ଧାଇଁ ଆସିଛନ୍ତି। ଅବଶ୍ୟ ଅନେକ ଥର ସେ ଆଗରୁ କପିଳାସ ଆସିଛନ୍ତିଖ କପିଳାସର ଶାନ୍ତ , କାନ୍ତ , କମନୀୟ ପରିବେଶ ତାଙ୍କୁ ଖୁବ ଆକୃଷ୍ଟ କରେଖ କଲେଜରେ ପାଠ ପଢିବା ବେଳେ ଓ ଚାକିରୀ ଜୀବନ ମଧ୍ୟରେ ସେ ଅନେକଥର କପିଳାସ ଆସିଛନ୍ତି ଓ ବଣଭୋଜି ମଧ୍ୟ କରିଛନ୍ତି ଖ ସୁମନ୍ତ ବାବୁ ମାଆ ପାର୍ବତୀଙ୍କ ମନ୍ଦିର ପାଖରେ ଟିକେ ବସିପଡି ଥକ୍କା ମେଣ୍ଟାଉ ମେଣ୍ଟାଉ କପିଳାସ ସହ ଜଡିତ ଅନେକ ମଧୁର ସ୍ମୃତିକୁ ମନେମନେ ମନେପକାଉଥିଲେଖ ଛାତ୍ର ଜୀବନରେ ଅନେକଥର କପିଳାସ ଆସିଥିବା କଥା ଭାବିବା ବେଳେ ତାଙ୍କ ଆଖି ଆଗରେ ନାଚି ଯାଉଥିଲେ ସେତେବେଳର ସାଙ୍ଗସାଥି ଓ ଅଧ୍ୟାପକମାନେଖ ଅବଶ୍ୟ ଅନେକ ସାଙ୍ଗସାଥିଙ୍କ ମୁହଁ ଏବେ ଅସ୍ପଷ୍ଟ ଦିଶୁଛିଖ ତଥାପି ସେତେବେଳର ସ୍ମୃତିମାନେ ଏବେବି ଜୀବନ୍ତଖ ଛାତ୍ରାବସ୍ଥାର ସ୍ମୃତି ଭିତରେ ହଜୁହଜୁ ଚାକିରୀ ଜୀବନରେ ଅଫିସ ଷ୍ଟାଫମାନଙ୍କ ସହିତ କପିଳାସରେ ତିନିଚାରିଥର ହୋଇଥିବା ପରିଭ୍ରମଣ ଓ ବଣଭୋଜି କଥା ଭାବୁଭାବୁ ସୁମନ୍ତ ବାବୁଙ୍କର ଆଖି ସାମ୍ନାକୁ ଆସିଯାଇଥିଲେ ସ୍ନିଗ୍ଧା ଦେବୀଖ ନୂଆନୂଆ କରି ଚାକିରୀରେ ଜଏନ କରିଥାନ୍ତି ସୁମନ୍ତ ବାବୁଖ ଯୁବକ ସୁଲଭ ମନରେ କାମ କରିବା ପାଇଁ ପ୍ରବଳ ଆଗ୍ରହ ଥାଏଖ ସେହି ସମୟରେ ଅଫିସରେ ଜଏନ କରନ୍ତି ସ୍ନିଗ୍ଧା ଦେବୀଖ ସୁମନ୍ତ ବାବୁଙ୍କ ପାଖ ଟେବୁଲରେ କାମ କରିବାକୁ ନିର୍ଦ୍ଦେଶ ଦିଆଗଲା ସ୍ନିଗ୍ଧା ଦେବୀଙ୍କୁଖ ସ୍ନିଗ୍ଧା ଦେବୀଙ୍କ ଆକର୍ଷଣୀୟ ଚେହେରା ସହିତ ଯୁବତୀ ସୁଲଭ ହାବଭାବ ଅନେକ ପରିମାଣରେ ପ୍ରଭାବିତ କରିଥିଲା ସୁମନ୍ତ ବାବୁଙ୍କୁଖ ମନ ମଧ୍ୟରେ ଧୀରେଧୀରେ ସ୍ନିଗ୍ଧା ଦେବୀଙ୍କ ପ୍ରତିଖୁବ ଦୁର୍ବଳତା ପ୍ରକାଶ ପାଇଥିଲା ସତ ମାତ୍ର ସ୍ନିଗ୍ଧା ଦେବୀଙ୍କୁ ମୁହଁ ଖୋଲି ନିଜର ଦୁର୍ବଳତା ପ୍ରକାଶ କରିବାର ସତସାହସ ମନ ମଧ୍ୟରେ ଜୁଟାଇ ପାରିନଥିଲେ ସୁମନ୍ତ ବାବୁଖ ସ୍ନିଗ୍ଧା ଦେବୀଙ୍କ ମନ ମଧ୍ୟ ସୁମନ୍ତ ବାବୁଙ୍କ ପ୍ରତି ଢଳିଥିଲା ଧୀରେଧୀରେଖ ସୁମନ୍ତ ବାବୁଙ୍କ ମିଷ୍ଟ ବ୍ୟବହାର , କାର୍ଯ୍ୟ କରିବାର ଦ ।ତା , ଉଚ୍ଚଶିକ୍ଷା ତଥା ସୌମ୍ୟଦର୍ଶୀ ଚେହେରା ସ୍ନିଗ୍ଧାଦେବୀଙ୍କୁ ବହୁ ପରିମାଣରେ ଆକୃଷ୍ଟ କରାଇଥିଲା।

ଏହା ଭିତରେ ସମ୍ପର୍କ ଯଦିଓ ଅତି ନିବିଡ଼ ହୋଇଥିଲା ତଥାପି ତାହା ସମ୍ପର୍କକୁ ବନ୍ଧୁତା ପାଖରେ ପୂର୍ଣ୍ଣଚ୍ଛେଦ ପକାଇ ଦେଇଥିଲାଖ ଅଫିସରେ କାର୍ଯ୍ୟ କରିବା ସହିତ ବସରେ ଯିବାଆସିବା ,ଖରାବେଳେ ହୋଟେଲରେ ସାଥି ହୋଇଖାଇବା , ଷ୍ଟାଫମାନଙ୍କ ସହିତ ପରିଭ୍ରମଣରେ ଯିବା , ନିଜର ସୁଖଦୁଃଖ ପରସ୍ପର ମଧ୍ୟରେ ବାଣ୍ଟିବା ଭିତରେ ଚାକିରୀର ସମୟ ସୀମା ଦୁଇବର୍ଷ ଗଡି ଯାଇଥିଲାଖ ଏହା ଭିତରେ ସ୍ନିଗ୍ଧା ଦେବୀଙ୍କ ବିବାହ ଅନ୍ୟତ୍ର ସ୍ଥିର ହୋଇଯାଇଥିଲାଖ ସ୍ନିଗ୍ଧା ଦେବୀ ଏକଥା ଅନ୍ୟମାନଙ୍କ ପାଖରେ ଗୋପନ ରଖିଥିଲେଖ ମାତ୍ର ଯେଉଁଦିନ ତାଙ୍କ ବଡଭାଇ ସ୍ନିଗ୍ଧା ଦେବୀଙ୍କ ବିଭାଘରର ନିମନ୍ତ୍ରଣ କାର୍ଡ ଧରି ଅଫିସରେ ପହଞ୍ଚିଥିଲେ ସେଦିନ ଅନ୍ୟମାନଙ୍କ ଅପେ।। ସୁମନ୍ତ ବାବୁଙ୍କୁ ଅଧିକ ଆଶ୍ଚର୍ଯ୍ୟ କରିଦେଇଥିଲାଖ ସୁମନ୍ତ ବାବୁ ଏକାବେଳକେ ଭାଙ୍ଗି ପଡ଼ିଥିଲେଖ ତାଙ୍କ ମନ ମଧ୍ୟରେ ଗଢା ମାରିଥିବା ମଧୁର ପ୍ରେମଟା ଏକାବେଳକେ ଗଢା ମରୁଡିରେ ପରିଣତ ହୋଇଯାଇଥିଲାଖ ସ୍ନିଗ୍ଧା ଦେବୀଙ୍କୁ ନେଇ ମନେମନେ ଦେଖିଥିବା ସ୍ୱପ୍ନର ତାଜମହଲ ଭୁଷୁଡି ପଡିଥିଲାଖ ସେ ଏକାବେଳକେ ଅନ୍ୟମନସ୍କ ହୋଇଯାଇଥିଲେ ନିମନ୍ତ୍ରଣ କାର୍ଡ ଦେଖି।

ସ୍ନିଗ୍ଧା ଦେବୀ ମଧ୍ୟ ଆଗ ଅପେ।। ନିଜକୁ ଟିକେ ସଙ୍ଗତ କରିନେଇଥିଲେଖ ଅଫିସରେ କାଳେ କିଏ କ'ଣ ଭାବିବେ ଚିନ୍ତା କରି ଅନ୍ୟମାନଙ୍କ ସହଖୁବ କମ ମିଳାମିଶା କରିଥିଲେ ସେତେବେଳେଖ ନିଜ ମନ ମଧ୍ୟରେ ସୁମନ୍ତ ବାବୁଙ୍କ ପ୍ରତି ଦୁର୍ବଳତା ଥିଲେ ମଧ୍ୟ ପରିବାର ଦ୍ୱାରା ମନୋନୀତ ବରପାତ୍ରଙ୍କୁ ବିବାହ କରି ସଂସାର କରିବାର ନିଶା ତାଙ୍କୁ ଘାରିବାକୁ ଆରମ୍ଭ କରିଥିଲାଖ ତାଙ୍କ ପରିବାର ଠାରୁ ଧନଶାଳୀ ତଥା ତାଙ୍କ ଠାରୁ ଅଧିକ ଦରମା ପାଉଥିବା ଉଚ୍ଚ ପଦବୀଧାରୀଙ୍କୁ ବିବାହ କରିବାର ବିଚାରବୋଧ ପାଖରେ ସୁମନ୍ତ ବାବୁଖୁବ ସାମାନ୍ୟ ଜଣାପଡୁଥିଲେ । ନିର୍ଦ୍ଦିଷ୍ଟ ତିଥିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା ସ୍ନିଗ୍ଧା ଦେବୀଙ୍କରଖ ସୁମନ୍ତ ବାବୁ ମଧ୍ୟ ଅଫିସ ଷ୍ଟାଫମାନଙ୍କ ସହିତ ପ୍ରଥମ ଥର ସ୍ନିଗ୍ଧା ଦେବୀଙ୍କ ଘରକୁ ଯାଇଥିଲେ ସତ କିନ୍ତୁ ମନେମନେ ସ୍ନିଗ୍ଧା ଦେବୀଙ୍କର ଅନ୍ୟତ୍ର ବିବାହକୁ ସହ୍ୟ କରିପାରୁନଥିଲେଖ ଯାହାଙ୍କୁ ନେଇ ସେ ମନେମନେ ଅନେକ ମଧୁର ସ୍ୱପ୍ନ ଦେଖିଥିଲେ ତାହାର ଅନ୍ୟ ଜଣଙ୍କ ସହିତ ବିବାହକୁ ସେ ସହିଥାନ୍ତେ କିପରି ? ସୌଜନ୍ୟ ଦୃଷ୍ଟିରୁ ସେ ସିନା ନିରବ ରହିଥିଲେ କିନ୍ତୁ ମନେମନେ ଈଶ୍ୱରଙ୍କୁ ପ୍ରାର୍ଥନା କରି ଜଣାଉଥିଲେ କୌଣସି କାରଣବଶତଃ ଏ ବାହାଘରଟା ଅଟକି ଯାଆନ୍ତା ନାହିଁଖ କୌଣସି ଅଘଟଣ ଘଟି ଯଦି ବିଭାଘର ବନ୍ଦ ହୋଇଯାନ୍ତା ସେତିକିବେଳେ ସେ ତାହାର ଫାଇଦା ଉଠାଇ ସ୍ନିଗ୍ଧା ଦେବୀଙ୍କ ପାଣିଗ୍ରହଣ କରିପାରନ୍ତେଖ ସେଥିପାଇଁ ସେ ଈଶ୍ୱରଙ୍କ ନିକଟରେ ମାନସିକ ରଖି ଈଶ୍ୱର କିଛି ଚମତ୍କାରିତା ଦେଖାଇ ଦିଅନ୍ତୁ ବୋଲି ପ୍ରାର୍ଥନା କରୁଥିଲେ।

ମାତ୍ର ସେମିତି କିଛି ଅଘଟଣ ଘଟି ନ ଥିଲା ସେଦିନ। ଯଥାରୀତି ବର ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚି ଥିଲା। ସରୁଖୁରୁରେ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲାଖ କନ୍ୟା ବିଦା ହେବା ପୂର୍ବରୁ ଅଫିସ ଷ୍ଟାଫମାନେ ଭୋଜିଖାଇ ଉପହାର ଦେଇ କାର୍ଯ୍ୟାଳୟ ଅଭିମୁଖେ ଫେରି ଆସିଥିଲେ। ବିଭାଘର ପରେପରେ ସ୍ନିଗ୍ଧା ଦେବୀଙ୍କ ଅନୁପସ୍ଥିତି ସୁମନ୍ତ ବାବୁଙ୍କ ପଠ। ଅତ୍ୟନ୍ତ କଷ୍ଟକର ହୋଇଥିଲାଖ। ସବୁବେଳେ ଏକପ୍ରକାର ଅନ୍ୟମନସ୍କତା ଭିତରେ ସେ ସେ ଅଫିସରେ କାର୍ଯ୍ୟ କରୁଥିଲେଖଅନେକ ସମୟ ପାଖରେ ପଡିଥିବା ସ୍ନିଗ୍ଧା ଦେବୀଙ୍କ ଚେୟାର ଓ ଟେବୁଲକୁ ଚାହିଁ ମନେମନେ ସ୍ନିଗ୍ଧା ଦେବୀଙ୍କୁ ଖୋଜୁଥିଲେଖ ଅଫିସରେ କାର୍ଯ୍ୟ କରିବାରେ ତାଙ୍କର ସେତେଟା ମ ନେ । ନି ବେ ଶ ହୋଇପାରୁନଥିଲାଖ ତଥାପି ବି ଯଥାସମ୍ଭବ ନିଜକୁ ସଞ୍ଜତ କରୁଥିଲେ ସେଖ ବିଭାଘରର ପ୍ରାୟ କୋଡିଏ ଦିନ ପରେ ଅଫିସରେ ପହଞ୍ଚି ଥିଲେ ସ୍ନିଗ୍ଧା ଦେବୀଖ ସେଦିନ ସମସ୍ତଙ୍କ ସହିତ ସୌଜନ୍ୟମୂଳକ ସା।।ତ ଓ ମିଠା ଖାଇବାର ଏକ ମାହାଲ ସୃଷ୍ଟି ହୋଇଥିଲା ଅଫିସରେଖ ସୁମନ୍ତ ବାବୁ ମଧ୍ୟ ନିଜକୁ ସେହିଖୁସିରେ ନିଜକୁ ସାମିଲ କରିଥିଲେ। ସହାସ୍ୟ ବଦନରେ ସ୍ନିଗ୍ଧା ଦେବୀ ଓ ତାଙ୍କ ସ୍ୱାମୀଙ୍କ ସହିତ ବର୍ତ୍ତାଳାପ କରିଥିଲେଖ ପରେପରେ ଅଫିସରେ ସ୍ନିଗ୍ଧା ଦେବୀ ଧୀରେଧୀରେ ଅଫିସ କାର୍ଯ୍ୟରେ ଯେତେଟା ତତ୍ପରତା ଦେଖାଉଥିଲେ ସୁମନ୍ତ ବାବୁ ମଧ୍ୟ ନିଜ ମନର କଥାକୁ ଆତ୍ମଗୋପନ ରଖି ଅଫିସ କାର୍ଯ୍ୟ ସମ୍ପାଦନ କରୁଥିଲେଖ ସ୍ନିଗ୍ଧା ଦେବୀ ଲ।ୟ କରିଥିଲେ ଯେ ସୁମନ୍ତ ବାବୁ ତାଙ୍କ ଠାରୁ କ୍ରମଶଃ ଦୂରେଇ ଯାଉଛନ୍ତିଖ ସ୍ନିଗ୍ଧା ଦେବୀ ମଧ୍ୟ ନିଜକୁ ସେମିତି ଦୂରେଇ ରଖିଲେ ସୁମନ୍ତ ବାବୁଙ୍କ ଠାରୁଖ କାରଣ ସେ ଏବେ ବିବାହିତାଖ ସୁମନ୍ତ ବାବୁଙ୍କ ସହିତ ଆଗ ଭଳି ବ୍ୟବହାର କରିଲେ ଅନ୍ୟମାନେ ତାଙ୍କୁ ଭୁଲ ବୁଝି ପାରନ୍ତିଖ ଅଫିସ କାର୍ଯ୍ୟ ଠିକଠିକ ଚାଲିଥିଲା ସତ , ମାତ୍ର ଏମାନଙ୍କ ଭିତରେ ସେତେଟା ଆନ୍ତରିକତା ଆଗଭଳି ନଥିଲା। ଏହା ଭିତରେ ପ୍ରାୟ ଚାରିପାଞ୍ଚ ମାସ ବିତିଯାଇଥିଲାଖ ହଠାତ ସ୍ନିଗ୍ଧା ଦେବୀଙ୍କର ବଦଳି ଅର୍ଡର ଆସିଯାଇଥିଲାଖ ସ୍ନିଗ୍ଧା ଦେବୀଙ୍କ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କର ଚାକିରୀ ବଦଳି କରି ନିଜର ପାଖ ଜାଗାକୁ ନେଇଯାଇଥିଲେଖ ସବୁଦିନ ପାଇଁ ସ୍ନିଗ୍ଧା ଦେବୀ ସୁମନ୍ତ ବାବୁଙ୍କ ଆଖିରୁ ଅନ୍ତର ହୋଇଯାଇଥିଲେଖ ସୁମନ୍ତ ବାବୁଙ୍କ ପାଇଁ ସେହି ଅଫିସ ଆଉ ଆନନ୍ଦଦାୟକ ନଥିଲାଖ ବରଂ ମର୍ମନ୍ତିକ ଯନ୍ତ୍ରଣା ଭୋଗିବା ଅପେ।। ସେ ନିଜର ଚାକିରୀକୁ ଅନ୍ୟତ୍ର ବଦଳି କରିନେବାର ଆଶା କରି ମଧ୍ୟ ସଫଳ ହୋଇଥିଲେଖ ଏହାପରେ ସେ ନିଜେ ମଧ୍ୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ସ୍ୱପ୍ନା ଦେବୀଙ୍କ ସହଖ ଉଭୟଙ୍କ ସଂସାର ଚାଲିଥିଲା ନିଜନିଜ ଗତିପଥରେ।

ଏହାପରେ ବିତିଯାଇଥିଲା ଦୀର୍ଘ ଆଠ ବର୍ଷଖ କିଏ କାହାର ଖୋଜଖବର ରଖି ନଥିଲେ କି ଯୋଗାଯୋଗ ମଧ୍ୟ କରିନଥିଲେଖ କିଏ ବା କାହା ସହିତ ଯୋଗାଯୋଗ କରିଥାନ୍ତା ? କାହିଁକି ବା ଯୋଗାଯୋଗ କରାଯାଇଥାନ୍ତା ? କେଉଁ ସ୍ୱାର୍ଥ ଅବା ପୂରଣ ହୋଇଥାନ୍ତା ସେମାନଙ୍କର ? ନିଜ ନିଜର କର୍ମଜଞ୍ଜାଳ ଭିତରେ ଘାଣ୍ଟି ହେଉହେଉ ଯେଉଁଠିଖାଇବା ଓ ଶୋଇବାର ଅବସର ମିଳୁନି , ସେତେବେଳେ ଅନ୍ୟମାନଙ୍କ କଥା ଭାବିବାକୁ ବେଳ କାହିଁ ? ତାଛଡା ସେମାନଙ୍କ ଚାକିରୀ ଜୀବନରେ ମିଳାମିଶା ଏକ ଘଟଣା ପ୍ରବାହ ହୋଇପାରେ ! ସୁମନ୍ତ ବାବୁ ଏମିତି ଭାବନା ରାଜ୍ୟରେ ଘୁରି ବୁଲୁଥିଲେଖ ହଠାତ ଆକାଶରୁ ବର୍ଷା ଝରିବା ଆରମ୍ଭ କରିଦେଲାଖ ବର୍ଷାରେ ଭିଜିଯିବା ଭୟରେ ଯିଏ ଯୁଆଡେ ମୁଣ୍ଡ ଗୁଞ୍ଜିବା ପାଇଁ ଦୌଡାଦୌଡ଼ି ଆରମ୍ଭ କରିଦେଲେଖ ସୁମନ୍ତ ବାବୁ ତରବର ହୋଇ ମୁଖ୍ୟ ମନ୍ଦିର ସାମ୍ନା କାଠ ମଣ୍ଡପ ଉପରକୁ ଉଠି ଆସିଲେଖ ସେଠାରେ ମଧ୍ୟ ପ୍ରବଳ ଭିଡ ଲାଗି ଯାଇଥିଲାଖ ସୁମନ୍ତ ବାବୁ ସେଠାରେ ଛିଡାହୋଇ ଏଣେତେଣେ ନଜର ପକାଇବା ଭିତରେ ତାଙ୍କ ନଜର ଯାହାଙ୍କ ଉପରେ ସ୍ଥିର ହୋଇଯାଇଥିଲା ସିଏ ଆଉ କେହି ନଥିଲେ ଖ ସିଏ ହିଁ ଥିଲେ ସ୍ନିଗ୍ଧା ଦେବୀଖ ସୁମନ୍ତ ବାବୁ ଏକ ଲୟରେ ସ୍ନିଗ୍ଧା ଦେବୀଙ୍କୁ ଚାହିଁଥିଲେଖ ଦେଖିଥିଲେ ଦୀର୍ଘ ଆଠ ବର୍ଷର ବ୍ୟବଧାନ ପରେ ସ୍ନିଗ୍ଧା ଦେବୀଙ୍କୁ ସାମ୍ନାସାମ୍ନିଖ ପରଖି ଥିଲେ ସେଦିନ ଏଦିନ ମଧ୍ୟରେ ଥିବା ଫରକକୁଖ ଅନ୍ୟମନସ୍କ ଭିତରେ ଥିବା ସ୍ନିଗ୍ଧା ଦେବୀଙ୍କ ନଜର ହଠାତ ପଡି ଯାଇଥିଲା ସୁମନ୍ତ ବାବୁଙ୍କ ଉପରେଖ ସ୍ନିଗ୍ଧା ଦେବୀ ନିଜକୁ ଆଉ ସମ୍ଭାଳି ପାରି ନଥିଲେଖ ଭିଡ଼ ଆଡେଇ ସିଧା ଚାଲି ଆସିଥିଲେ ସୁମନ୍ତ ବାବୁଙ୍କ ପାଖକୁଖ ସୁମନ୍ତ ବାବୁଙ୍କୁ ଦୁଇ ହାତ ଯୋଡ଼ି ପ୍ରଣାମ ବାଢିଥିଲେଖ ସୁମନ୍ତ ବାବୁ ପ୍ରତି ନମସ୍କାର ଜଣାଉ ଜଣାଉ ଅସ୍ପଷ୍ଟ ସ୍ୱରରେ କହିଥିଲେ , ' ହଠାତ ଆପଣ ଏଠି ? କ'ଣ ଏକା ଆସିଛନ୍ତି ନା ସପରିବାର ? ' ସ୍ନିଗ୍ଧା ଦେବୀ କହିଥିଲେ ,' ନା , ମୁଁ ଏକା ଆସିଛିଖ ଆଜି କାହିଁକି କପିଳାସ ଚନ୍ଦ୍ରଶେଖର ଡୋରି ଲଗାଇ ଟାଣି ଆଣିଲେ ତ ! ତେଣୁ ନ ଆସିବାର ଆଉ ବାଟ ନଥିଲାଖ ଏଠିକି ଆସିବା ପରେ କେତେ ସ୍ମୃତି ମନେପଡୁଥିଲାଖ ସେଦିନର ପରିଭ୍ରମଣ ଓ ବଣଭୋଜି କଥା ଭାବିବା ବେଳକୁ ଆପଣଖୁବ ମନେପଡୁଥିଲେଖ ଯାହାହେଉ ଠାକୁରଙ୍କ କୃପାରୁ ଆଜି ଆପଣଙ୍କ ସହିତ ଭେଟ ହୋଇଗଲା ।'

ଏହା ମଧ୍ୟବର୍ଷା ଛାଡି ଯାଇଥିଲା ଧୀରେଧୀରେଖ କାଠ ମଣ୍ଡପରୁ ଗହଳି ଏକରକମ କମି ଯାଇଥିଲାଖ ସୁମନ୍ତ ବାବୁ ଓ ସ୍ନିଗ୍ଧା ଦେବୀ ମଣ୍ଡପ ଉପରେ ବସି ପରସ୍ପର ସହିତ ଅନେକ ବିଷୟରେ କଥା ହେଉହେଉ ହଠାତ ସ୍ନିଗ୍ଧା ଦେବୀ ପଚାରିଥିଲେ ,' ଆପଣଙ୍କ ପରିବାର ବିଷୟରେ କିଛି କହିଲେ ନାହିଁ ଯେ ? ଏଇ ଯେମିତି ଆପଣଙ୍କ ବିବାହ , ସ୍ତ୍ରୀ , ପିଲା ........ । 'ସୁମନ୍ତ ବାବୁ ଦୀର୍ଘ ନିଶ୍ୱାସ ପକାଇ ତାଙ୍କ ବୈବାହିକ ଜୀବନ ବିଷୟରେ କହିଥିଲେଖଅତ୍ୟାଧୁନିକ ସ୍ତ୍ରୀର ଗୈରାମ୍ୟି ସହି ନପାରି ସେ ଏକାକୀ ନିସଙ୍ଗ ଜୀବନ ବିତାଉଥିବା ବେଳେ ସ୍ତ୍ରୀ ନିଜ ବାପଘରେ ଛୋଟିଆ ପୁଅଟିକୁ ଧରି ରହୁଛନ୍ତ ।ଘଟଣା ଏତେ ଗଭୀରକୁ ଯାଇଛି ଯେ ଛାଡପତ୍ର ଦେବା ହିଁ ଏକମାତ୍ର ଉପାୟ ବୋଲି ସେ ସ୍ଥିର କରି ନେଇଛନ୍ତିଖ କେତେ ଆଉ ଅବା ସ୍ତ୍ରୀର ତାଡନା ସେ ସହ୍ୟ କରିଥାନ୍ତେ ? ନିଜର ପୁରୁଷତ୍ୱକୁ ଧିକ୍କାର କରିବା ଛଡା ତାଙ୍କର ଅନ୍ୟ ଗତି କିଛି ନଥିଲାଖ ସୁମନ୍ତ ବାବୁ ଏଥର ସ୍ନିଗ୍ଧା ଦେବୀଙ୍କ ପାରିବାରିକ ଜୀବନ ବିଷୟରେ ଜିଜ୍ଞାସା କରିଥିଲେଖ ସ୍ନିଗ୍ଧା ଦେବୀ ମୁହଁକୁ ତଳକୁ ପୋତି ଗୋଟିଗୋଟି କରି ନିଜର ବୈବାହିକ ଜୀବନର ଘଟଣା ଦୁର୍ଘଟଣାକୁ ବଖାଣୁଥିଲେଖ ନିଜର ଚରିତ୍ରହୀନ , ଲମ୍ପଟ , ବେଶ୍ୟାସକ୍ତ , ମଦ୍ୟପ ସ୍ୱାମୀର କଦର୍ଯ୍ୟ ବ୍ୟବହାର ତାଙ୍କୁଖୁବ ଅତିଷ୍ଠ କରିଥିଲାଖ ନିଶାସକ୍ତ ଅବସ୍ଥାରେ ତାଙ୍କ ସ୍ୱାମୀ ରାତି ଅଧରେ ଘରକୁ ଫେରି ତାଙ୍କୁ ମାରପିଟ କରି ଶାରୀରିକ ନିର୍ଯ୍ୟାତନା ଦେବା ସହିତଖରାପ ଭାଷାରେ ଗାଳିଗୁଲଜ କରି ମାନସିକ ଯାତନା ଦେଉଥିଲେଖ ଫଳରେ ସ୍ନିଗ୍ଧା ଦେବୀଙ୍କ ଜୀବନରୁ ହଜି ଯାଇଥିଲା ଶାନ୍ତିଖ ବାଧ୍ୟ ହୋଇ ସେ ସ୍ୱାମୀଙ୍କ ସହ ସମ୍ପର୍କ ଛିନ୍ନ କରି ଚାକିରୀ ଜାଗାରେ ସେ ନିଜର ଝିଅଟିକୁ ଧରି ରହୁଛନ୍ତି। ଉଭୟେ ଉଭୟଙ୍କ କଥା କହିସାରିବା ପରେ ଏକ ଦୀର୍ଘ ସମୟର ନିରବତା ସେଠାରେ ରାଜୁତି କରୁଥିଲାଖ ଉଭୟଙ୍କ ଆଖିରେ ଲହଡି ଭାଙ୍ଗୁଥିଲା ଅଶ୍ରୁଖ କିଏ କାହାକୁ ବୁଝାଇବ ? କିଏ କାହାକୁ ସାନ୍ତ୍ୱନା ଦେବ ? କିଏ କାହାକୁ କହିବ ପଛକୁ ଫେରିଯାଇ ନିଜର ଉଜୁଡା ସଂସାରକୁ ସଜାଡି ଦିଅ ? ଅନେକ ସମୟ ପରେ ଉଭୟେ ନିଜନିଜର ଲୁହକୁ ପୋଛି ପରସ୍ପରକୁ କେବଳ ଚାହିଁ ରହିଥିଲେଖ କିଛି ସମୟ ପରେ ସେମାନଙ୍କ ଓଠରୁ ଝରିଥିଲାଖୀଣ ହସଖ ସ୍ନିଗ୍ଧା ଦେବୀ ଏଥର ମୁହଁଖୋଲି ନିଜ ମନର ଅବ୍ୟକ୍ତ ବେଦନାକୁ ଆଜି ସୁମନ୍ତ ବାବୁଙ୍କ ଆଗରେ ପ୍ରକାଶ କରି କହିଥିଲେ ତାଙ୍କର ସୁମନ୍ତ ବାବୁଙ୍କୁ ବିବାହ କରିବାକୁ ଶତ ପ୍ରତିଶତ ଆଗ୍ରହ ଥିଲାଖ କାଳେ ସୁମନ୍ତ ବାବୁ ଏ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେବେ କିମ୍ବା ତାଙ୍କୁ ଭୁଲ ବୁଝିବେ ସେଥିପାଇଁ ସେ ମନଖୋଲି କିଛି କହି ନପାରି ନିଜ ପରିବାରର ପସନ୍ଦ ଯୋଗ୍ୟ ବରପାତ୍ର ସହ ଅନ୍ୟତ୍ର ବିବାହ କରିଥିଲେ। ସେଦିନ ଯଦି ସେ ସୁମନ୍ତ ବାବୁଙ୍କୁ ବିବାହ କରିଥାନ୍ତେ ତେବେ ଆଜିର ଏମିତିଆ ଦିନ ତାଙ୍କୁ ଦେଖିବାକୁ ପଡି ନଥାନ୍ତାଖ ସୁମନ୍ତ ବାବୁ ମଧ୍ୟ ନିଜ ମନର ଗୋପନ କଥାକୁ ସ୍ନିଗ୍ଧା ଦେବୀଙ୍କୁ ସବୁ ଖୋଲି କହିଥିଲେଖ ଏପରିକି ସ୍ନିଗ୍ଧା ଦେବୀଙ୍କ ବିବାହ ଉତ୍ସବରେ କିଛି ଅଘଟଣ ଘଟିଥିଲେ ସେ ସ୍ନିଗ୍ଧା ଦେବୀଙ୍କୁ ସେହିଠାରେ ବିବାହ କରିପାରିଥାନ୍ତେ ବୋଲି କହିବା ବେଳେ କାନ୍ଦି ପକାଇ ଥିଲେ। ସେତେବେଳେ ନିଜ ପରିବାରର ଆର୍ଥିକ ସ୍ଥିତି ତୁଳନାରେ ସ୍ନିଗ୍ଧା ଦେବୀଙ୍କ ଆଭିଜାତ୍ୟ ପରିବାର ନିକଟରେଖୁବେ ଛୋଟ ମନେକରି ସେ ସିନା କିଛି କରିପାରି ନଥିଲେ , ମାତ୍ର ପରେ ଗଭୀର ମନସ୍ତାପରେଖୁବ ଛଟପଟ ହୋଇଥିଲେଖ ଏପରିକି ସ୍ନିଗ୍ଧା ଦେବୀଙ୍କ ବଦଳି ପରେପରେ ସେ ଏକପ୍ରକାର ଅଣନିଶ୍ୱାସୀ ହୋଇ କିପରି ସେ ସ୍ଥାନରୁ ନିଜେ ଚେଷ୍ଟା କରି ବଦଳି ହୋଇ ଅନ୍ୟତ୍ର ଚାଲି ଯାଇଥିଲେ ସେକଥା ସେ ଭଲଭାବରେ ବୁଝାଇଥିଲେଖ । ଉଭୟେ ପରସ୍ପରକୁ ଚାହିଁରହି ସ୍ତବ୍ଧ ହୋଇଯାଇଥିଲେଖ ଉଭୟଙ୍କ ମନରେ ସେହି ଗୋଟିଏ କଥା ଥିଲାଖ ଉଭୟଙ୍କ ଭାବାବେଗରେ ସେହି ଗୋଟିଏ ଆଲୋଡନ ଥିଲା। ମାତ୍ର ହାୟ ...... ! କେହି ବି ଜଣେ ସେତେବେଳେ ମୁହଁ ଖୋଲି କହି ଦେଇଥିଲେ କଥାଟା ସରିଯାଇଥାନ୍ତା। ଜୀବନଟା ସରସ ସୁନ୍ଦର ହୋଇଯାଇଥାନ୍ତା। ମାତ୍ର ....... । ନିଜର ଅଲ।ୟରେ ଉଭୟଙ୍କ ହାତ ମୁଠା ପରସ୍ପର ହାତମୁଠାକୁ ଜାବୁଡି ଧରିଥିଲାଖ ଆଖିରେ ଲୁହ ଲହଡି ଭାଙ୍ଗୁଥିଲାଖ କିଏ କାହାର ଲୁହକୁ ପୋଛିଦେବ ଏବେ ? ଏବେ କ'ଣ କରାଯାଇ ପାରିବ ଦୁଇଟି ଅତୃପ୍ତ ଆତ୍ମା ପାଇଁ ? ପିଲା , ପରିବାର , ସଂସାରକୁ ଉଜାଡ଼ି ଦେଇ ସେମାନେ କ'ଣ ଏବେ ପୁଣି ଯୋଡି ହୋଇଯିବେ ? ତେବେ ସମାଜ ସେମାନଙ୍କୁ କହିବ କ'ଣ ? ନିନ୍ଦା ଓ ସମାଲୋଚନାର ଶରବ୍ୟ ହୋଇ ସେମାନେ ଦାଣ୍ଡରେ ମୁହଁ ଟେକି ଚାଲି ପାରିବେ ତ ? ଯଦି ସେମାନେ ସେମାନଙ୍କ ସ୍ତ୍ରୀ ଓ ସ୍ୱାମୀଙ୍କୁ ଛାଡପତ୍ର ଦିଅନ୍ତି କ'ଣ ହେବ ସେମାନଙ୍କ ପିଲା ଦୁଇଟିର ଅବସ୍ଥା ? ହେଲେ ଉଭୟେ ଏବେ ବଞ୍ଚିବେ କେମିତି ??? ଧୀରେଧୀରେ ସମୟ ଅତିକ୍ରାନ୍ତ ହେବାକୁ ଉପକ୍ରମ କରୁଥିଲାଖ ଉଭୟଙ୍କର ଘର ବାହୁଡା ବେଳ ହୋଇଯାଇଥିଲା। ପୁଣି ସେମାନଙ୍କୁ ନିଜନିଜର ପରିବେଶ ଭିତରକୁ ଫେରିଯିବାକୁ ପଡିବଖ ନିଜର କର୍ମ।ୋତ୍ରରେ ଉପସ୍ଥିତି ହେବାକୁ ହେବ। ହେଲେ କ'ଣ କରିବେ ଏବେ ସେମାନେ ? ଅନେକ ସମୟ ଧରି ଆଲୋଚନା କରିବାର ଅବକାଶ ନଥିଲା ସେମାନଙ୍କରଖ ସୀମିତ ସମୟ ପରେ ସେମାନେ ଏହି ନିଷ୍କର୍ଷରେ ଉପନୀତ ହୋଇଥିଲେ ଯେ ଯାହାର ଜୀବନରେ ଯେମିତି ପରିସ୍ଥିତି ଆସୁନା କାହିଁକି ନିଜ ପିଲାମାନଙ୍କର ମୁହଁକୁ ଚାହିଁ ସାରା ଜୀବନ ସେମାନେ ଆଉ ସମ୍ପର୍କ ନ ବଦଳାଇ , ନୂଆ ପରିଚୟ ସୃଷ୍ଟି ନକରି ସେମିତି ବନ୍ଧୁତା ସୂତ୍ରରେ ବାନ୍ଧିହୋଇ ରହିବେଖ ପରସ୍ପରର ସୁଖଦୁଃଖରେ ଭାଗିଦାର ହେବେଖ ଆଉ ପ୍ରଭୁ ଚନ୍ଦ୍ରଶେଖରଙ୍କୁ ପ୍ରାର୍ଥନା କରିବେ ଯେ , ଆସନ୍ତା ଜନ୍ମରେ ପ୍ରଭୁ ସେମାନଙ୍କୁ ଜୀବନ ସାଥି କରିବା ପାଇଁ ସହାୟକ ହେବେ। ପ୍ରଭୁ ଚନ୍ଦ୍ରଶେଖରଙ୍କ ମନ୍ଦିରରେ ଘିଅ ଦୀପ ଜାଳି ଉଭୟେ ଏକତ୍ର ବନ୍ଦାପନା କରି ପ୍ରଭୁଙ୍କୁ ନିଜନିଜର ଦୁଃଖ ଜଣାଇବା ସହିତ ଆର ଜନ୍ମରେ ସେମାନଙ୍କୁ ଜୀବନ ସାଥି ରୂପେ ସ୍ୱୀକୃତି ଦେବା ପାଇଁ ପ୍ରଭୁଙ୍କୁ ବିନମ୍ର ନିବେଦନ ବାଢୁଥିଲେଖଆଖିର ଲୁହରେ ନିଜର କୃତକର୍ମକୁ ଧୋଇ ଦେଉଥିଲେଖ ପ୍ରଭୁ ଆଶୁତୋଷ ବୋଧହୁଏ ସେମାନଙ୍କ ପ୍ରାର୍ଥନା ସଙ୍ଗେସଙ୍ଗେ ଶୁଣିଥିଲେଖ ପ୍ରଭୁଙ୍କ ଠାରେ ଲାଗି ହୋଇଥିବା ଦୁଇଟି ଚମ୍ପା ଫୁଲ ଲିଙ୍ଗ ଦେଶରୁ ତଳକୁଖସିପଡି ଏହି ପ୍ରକୃତ ବାସ୍ତବ ଧର୍ମୀ ପ୍ରେମକୁ ସ୍ୱୀକୃତି ବାଢିଥିଲା ।

*ନିହଲ ପ୍ରସାଦ ,*
*ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ :୯୯୩୮୭୪୧୫୮୩*

## ଅନୁଚିନ୍ତା

*ରତ୍ନକାନ୍ତି ମିଶ୍ର*



ଜୀଇଁବାର ଧାରା ବହେ ନିରନ୍ତର
ନିୟତିର ନିର୍ଦ୍ଦେଶରେ
କେବେ ଜୀବନଟା ଶାଶ୍ୱତ ସୁନ୍ଦର
କେବେ ଭରେ ହାହାକାରେ ॥
ପ୍ରଲୋଭନ ମୁକ୍ତ ଦିବ୍ୟ ଭାବ ଯୁକ୍ତ
ମନ ଲଭେ ଅନୁରାଗ
ଚିନ୍ତା କବଳିତ ଏ ମନ ଭ୍ରମିତ
ପ୍ରାପ୍ତ ହୁଏ ଅନିଭୋଗ ॥
ଯେତେ ପଛେ ଥାଉ ଧନର ପଶ୍ଚାତ
କେବେ ନଛାଡଇ ନର
ଲୁଣ ହାଣ୍ଡି ପରି ଚିନ୍ତା ଖାଏ ଗଣ୍ଡି
ହୁଏ ତୁଚ୍ଛା ହରବର ॥
ଧନ ଯେ ବଢାଏ ମନର ଉଦବେଗ
କାରୁଣ୍ୟ ତା ରୂପରେଖ
ଅବଲୁପ୍ତ ହୁଏ ଆଶାର ଆଲୋକ
ସୌଭାଗ୍ୟର ଅଭିଲେଖ ॥
ମିଛ ଏ ବନ୍ଧନ ମିଛ ଏ ସଂପର୍କ
ସର୍ବେ ? ସ୍ୱାର୍ଥ ସୌଦାଗର
ମିଛ ସମ୍ମ ?ହନେ ଭ୍ରମଇ ଜୀବନ
ମୋହ କରେ ନାରଖାର ॥
ଚିନ୍ତାଗ୍ରସ୍ତ ମନ ଲଭଇ ଦୁର୍ଦ୍ଦିନ
ସତ୍ୟ ଏହା କାଳେ କାଳେ
ଦୁର୍ବାର ଲାଳସା କରେ ମୁହ୍ୟମାନ
ଭବମାୟା ଅନ୍ତରାଳେ ॥

*ଆଳି, କେନ୍ଦ୍ରାପଡା*

## ବୋଉ

*ଆଦ୍ୟାଶା ମହାପାତ୍ର*



ଆଗକୁ ପାଦ ଥାପି ଝୁଣ୍ଟିପଡିଲେ
ପ୍ରତିଥର ଦେହରୁ ଧୂଳି ଝାଡି
ଆଦରରେ କୋଳେଇ ନେଇଛି
ବୋଉ
ଶୈଶବରେ... !
ବୋଉ ପିଆଇଛି ଛାତିରୁ ଅମୃତ
ଦେଖାଇଛି ଆଲୋକର ପଥ
ପୁଣି ଶିଖାଇଛି ବର୍ଣ୍ଣମାଳା
କର୍ମକ୍ଳାନ୍ତ ଜୀବନର ବ୍ୟସ୍ତତା
ଭିତରେ
ପୋଛିବାକୁ ବିଷାଦର ସ୍ୱେଦ
ମନ ଖୋଜେ ବାରମ୍ବାର
ବୋଉର ସେ ପବିତ୍ର ପଣତ।
ଅଗ୍ନିରେ ଘୃତ ଭଳି
ସ୍ୱାହା କରି ଦେଇଛି ବୋଉ
ତା'ର ପ୍ରତିଟି ଖୁସି
ପଢ଼ିଛି ମମତାର ମନ୍ତ୍ର
ଆଜି ବି ବାଟ ଚାଲୁ ଚାଲୁ
କେବେ ଥକି ପଡିଲେ
ମୁହଁରୁ ସ୍ୱତଃ ଉଚ୍ଚାରିତ ହୁଏ
ଶବ୍ଦଟିଏ 'ବୋଉ'
ଅଚାନକ ମିଳିଯାଏ ବିଲୁପ୍ତ ସାମର୍ଥ୍ୟ।
ଅଗ୍ରସର ହେବା ପାଇଁ ଆଗକୁ ଆଗକୁ
ଦୃଢ ହୁଏ ମନର ବିଶ୍ୱାସ
ମିଳିଯାଏ ଜୀବନର ଲକ୍ଷ
ବୋଉ ମନରେ ଆସିଲେ ହିଁ
ଛୁଇଁଯାଏ ଦଲକାଏ ଶୀତଳ ପବନ
ଖେଳିଯାଏ ଚଉଦିଗେ ଅପୂର୍ବ ମହକ।
ଆଜିକାଲି ଖୁବ୍ ମନେପଡେ
ସେଇ ଅଫେରା ଶୈଶବ
ଖୁବ୍ ଇଛା ହୁଏ ପାଶେ ଥାଇ
ନାନାବାୟା ଗୀତ ଗାଇ
ଶୁଆଇ ଦିଅନ୍ତା କି ବୋଉ,
ଗହଳ ନିଦରେ ଫେରି ଆସନ୍ତେ
ବାଟଭୁଲା ସ୍ୱପ୍ନ ମାନେ
ବୋଉ ହାତର ସ୍ନିଗଧ ସ୍ପର୍ଶ
ମୋ ମଥାକୁ ଧିରେ ଛୁଉଁ
ଛୁଉଁ.... !!!

*ନୂଆପଡା , କଟକ*

## ନବୀନ ମାଳିକା

*ଭାସ୍କର ରାଉତ*



ମିଶନ ଶକ୍ତିର ବଳ ଗୋ
ମୋର 'ଶରଧା' ତହିଁ.....
ନାରୀ ସଶକ୍ତିର ନାରାଟି ସୁନ୍ଦର
ନାରୀଙ୍କ ସୁରକ୍ଷା ନାହିଁ ଗୋ,
ମୋର 'ଶରଧା' ତହିଁ .....॥
ଗର୍ଭବତୀ ନାରୀ ପାଇଁ ଗୋ
ଯୋଜନାଟି ମମତା.....
ଗର୍ଭ ଯନ୍ତ୍ରଣାରେ ତା'ର ପ୍ରାଣ ହାରେ
ଯିବାକୁ ନପାଇ ରାସ୍ତା ଗୋ,
ଯୋଜନାଟି ମମତା.....॥
ଶବ ସଂସ୍କାରର ପାଇଁ ଗୋ
ହରିଶ୍ଚନ୍ଦ୍ର ଯୋଜନା....
ଶବ ନେବାପାଇଁ ଗାଡ଼ି ନମିଳଇ
ଘୋଷାରି ନିଅନ୍ତି ସିନା ଗୋ,
ହରିଶ୍ଚନ୍ଦ୍ର ଯୋଜନା.....॥
ଘର ହୀନଙ୍କର ପାଇଁ ଗୋ
ବିଜୁ ଘର ଯୋଜନା.....
ଗରୀବ ନପାଇ ଧନୀ ପାଉଥାଇ
ରାଇଜେ ଉଡୁଛି ବାନା ଗୋ,
ବିଜୁ ଘର ଯୋଜନା.....॥
ଚାଷୀଙ୍କ ସୁରକ୍ଷା ପାଇଁ ଗୋ
ସେ କାଳିଆ ବଳିଆ.....
ଦୁହେଁ ବୁଲି ବୁଲି ଓଡ଼ିଶାକୁ ଘାଲି
କରି ଦେଲେଣି ଗୋଳିଆ ଗୋ,
ସେ କାଳିଆ ବଳିଆ.....॥
ବରଷ ଚବିଶି ପାଇଁ ଗୋ
ମୁହିଁ ରହିଛି ଚାହିଁ.....
ଶାନ୍ତ 'ସୌମ୍ୟ'ହୋଇ ନିଆଁକୁ ଲଗାଇ
ଛାରଖାର କରେ ସେହି ଗୋ,
ମୁହିଁ ରହିଛି ଚାହିଁ.....॥

*ଦେବମାୟା ଭବନ*
*ଶେରଗଡ଼,ଗଞ୍ଜାମ*
*ମୋ-୯୭୭୬୪୮୬୬୨୮*

## ଯାହା ବାନ୍ଧି ପାରିଲାନି ଯୌବନ

*ଡୁଇଟ୍ ଡେଭିଡ ଫିଲିପ*



ତୁମେ ନୁହଁ ମୋର ପ୍ରଥମ ପ୍ରେମ,
ତୁମେବି ନୁହଁ ମୋର ପ୍ରଥମ ଯୌବନର
ବଡ ସ୍ପନ୍ଦନ,
ତୁମର ବହୁ ପୂର୍ବରୁ ଥିଲା ମୋର ପ୍ରଥମ
ପ୍ରେମ,
ନାଁ ମନେ ନାହିଁ,
ଚେହେରା ମନେ ନାହିଁ,
ଯାଉଥିଲୁ ସାଙ୍ଗ ହୋଇ,
ଆସୁଥିଲୁ ସାଙ୍ଗ ହୋଇ,
କଣ ଗପୁ ଥିଲୁ ମନେ ନାହିଁ,
ଜାଗା ମନେ ପଡ଼ିଲେ, ଲାଗେ କବିତା,
ଗନ୍ଧ, ଫୁଲ ବଗିଚା ପରି,
ଛନ୍ଦି ହୁଏ ସେଇଠି ମନ,
ବାସ୍ତବ, କିନ୍ତୁ ଲାଗେ ଗାଢ଼ ନିଦର ସ୍ୱପ୍ନ।
ସେ ହିଁ ମୋର ପ୍ରଥମ ପ୍ରେମ,
ସବୁ ଫିକା, କେହି ନୁହେଁ ସେ ଶମାନ,
ମିଶିଲେ କହନ୍ତି ନହୋଇ ଭାବ ପ୍ରବଣ,
'ତୁଚ୍ଛ ତୁମର ଓ ମୋର ଯୌବନ',
'କେତେ ଭଲ ସେ ପିଲା ଦିନ,
ବାନ୍ଧି ଦେଲ ହୃଦୟକୁ କୁନି ହାତ, ଛୋଟ
ବେଣି, ଛୋଟ ଫ୍ରକ୍, ଛୋଟ ହସ
ଦେଇ, ପ୍ରଥମ ପ୍ରେମ,
ଯାହା ବାନ୍ଧି ପାରିଲାନି ତୁମ ଆମ
ଯୌବନ'।

*ଭବାନୀପାଟଣା, କଳାହାଣ୍ଡି,*
*ମୋ-୯୪୩୭୧୦୪୩୦୩*




# ଆମ ପରିବେଶ, କୃଷି ଓ କୃଷକ

ସମଗ୍ର ଭାରତବର୍ଷରେ କୃଷି ଓ କୃଷକଙ୍କର ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏହି ସମସ୍ୟା ପ୍ରତିଦିନ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହେଉଛି। ଆଜି ଯେଉଁ ମରୁଡ଼ି ଦେଖାଦେଇଛି ତା' ମୂଳରେ ଆମ ପରିବେଶ ଦାୟୀ। ଆମେ ଅତି ଅମାନୁଷିକ ଭାବରେ ଜଙ୍ଗଲ କାଟିଚାଲୁଛୁ। ଯାହାଫଳରେ ଆମକୁ ଏ ଦଶା ଭୋଗିବାକୁ ପଡୁଛି। ସଠିକ୍ ବୃଷ୍ଟିପାତ ହେଉନାହିଁ। ସୂର୍ଯ୍ୟଙ୍କ ତେଜ ପ୍ରଖର ହେଉଛି। ସରକାରଙ୍କ ତରଫରୁ ପରିବେଶ ଉପରେ ଯେତେ ସଚେତନ କରାଗଲେ ମଧ୍ୟ ଏହାର ପ୍ରଭାବ ମାନବ ସମାଜ ଉପରେ ଆଦୌ ପଡୁନାହିଁ। ଭାଗବତ ବାଣୀ ଅନୁସାରେ- *"ଆପଣା ହସ୍ତେ ଜିହ୍ୱାଚ୍ଛେଦି। କେ ତା'ର ଅଛି ପ୍ରତିବାଦୀ।।"*

ସମଗ୍ର ବିଶ୍ୱରେ ଯେଉଁ ବିଶ୍ୱତାପନ କଥାଟି ଚର୍ଚ୍ଚା ହେଉଛି ତାହା ଆମମାନଙ୍କ ପାଇଁ ତଥା ପ୍ରାଣୀସମାଜ ପାଇଁ ଏକ ବଡ଼ ଆହ୍ୱାନ। ଏହାକୁ କେତେଦୂର ପ୍ରାଣୀ ସମାଜ ଗ୍ରହଣ କରୁଛି ଓ ଏହାସହ ତାଳ ଦେଇ ନିଜକୁ ତିଷ୍ଠି ପାରୁଛି, ତାହା ଦେଖିବାର ବିଷୟ। ଚୀନ ଭଳି ବଡ଼ବଡ଼ ଦେଶର ସହରମାନଙ୍କରେ ପରିବେଶ ଏତେ ପ୍ରଦୂଷିତ ହୋଇଗଲା ଯେ କେତେଦିନ ପର୍ଯ୍ୟନ୍ତ ସ୍କୁଲ୍ କଲେଜ ବନ୍ଦ କରିବାକୁ ପଡ଼ିଲା। ଏଥିରୁ ମଧ୍ୟ ଆମ ରାଜଧାନୀ ଦିଲ୍ଲୀର ସମଅବସ୍ଥା ହୋଇଛି। ଏ ସବୁ କଥା ଭାବିଲେ ଏହି ମଣିଷ ସମାଜର ଅସ୍ତିତ୍ୱ କେତେଦୂର ତିଷ୍ଠିପାରୁଛି ତାହା ଦେଖିବାର କଥା। ଭାରତବର୍ଷର ଲୋକସଂଖ୍ୟା କେତେଦୂର ଗାଡ଼ି, ମଟର, କଳକାରଖାନା ଏତେ ପରିମାଣରେ ବୃଦ୍ଧି ପାଉଛି ଯାହାକି କିଛି ବର୍ଷ ମଧ୍ୟରେ ସମଗ୍ର ଭାରତରେ ଏଭଳି ଅବସ୍ଥା ସୃଷ୍ଟି ନହେବ କିଏ କହିବ !

ଅଦିନେ ବର୍ଷା, ଶୀତରେ ପ୍ରକୋପ ହ୍ରାସ, ସୂର୍ଯ୍ୟଙ୍କ ତେଜବୃଦ୍ଧି, ଅଦିନେ ଲଘୁଚାପ ଆଦି କାରଣ ପାଇଁ ଚାଷୀକୁଳ ଏବେ ଏକ ଆହ୍ୱାନର ସମ୍ମୁଖୀନ ହେଉଛି। ଏବେ ଆମେମାନେ ବଦଳୁଥିବା ଜଳବାୟୁ ସହିତ କିପରି ଖାପଖୁଆଇ ଚଳିବା, ତାହା ଆମମାନଙ୍କ ପାଇଁ ଏକ କଷ୍ଟ ସମସ୍ୟା। ପରିବେଶର ଏହି ପରିବର୍ତ୍ତନ ଯୋଗୁ ଅନେକ ନୂତନ ରୋଗ ସୃଷ୍ଟି ହେଉଛି। ଯାହାକୁ କି ବିଶେଷଜ୍ଞମାନେ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। କର୍କଟ ଭଳି ମାରାତ୍ମକ ରୋଗ କବଳରେ କବଳିତ ଭାରତବାସୀ। ଆଉ କିଛିବର୍ଷ ପରେ ହୁଏତ ଆମ ଦେଶ ମଧୁମେହର ରାଜଧାନୀ ହେବାକୁ ଯାଉଛି। ଆମେ କୃଷିର ଅଧିକ ଅମଳ ଆଶାରେ ଅଧିକ ରାସାୟନିକ ସାର, କୀଟନାଶକ ଆଦି କୃଷିକାର୍ଯ୍ୟରେ ବ୍ୟବହାର କରୁଛେ, ଯାହାକି ଆମ ସ୍ୱାସ୍ଥ୍ୟପାଇଁ ଅନେକ ବିପଦ ସୃଷ୍ଟିକରୁଛି। ଗୋଟିଏ ପଟେ କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ପାଇଁ ଶସ୍ୟ ଅଧିକ ଅମଳ ଲାଗି ଏଭଳି ଉପାୟ ଅବଲମ୍ବନ କରୁଥାଇପାରୁ, ମାତ୍ର ପରୋକ୍ଷରେ ଆମ ସ୍ୱାସ୍ଥ୍ୟ ପାଇଁ ଅନେକଗୁଡ଼ିଏ ସମସ୍ୟା ସୃଷ୍ଟି କରିଚାଲିଛୁ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ କୃଷକ ଆମ ଦେଶର ମେରୁଦଣ୍ଡ। ଯିଏକି ସମଗ୍ର ଦେଶକୁ ଖାଦ୍ୟ ଯୋଗାଉଛି। ସୈନିକଟି ଯେଭଳି ନିଜ ଜୀବନକୁ ବିପନ୍ନ କରି ଦେଶମାତୃକାର ଟେକ ରଖିବା ପାଇଁ କାର୍ଯ୍ୟ କରିଥାଏ, କୃଷକଟି ମଧ୍ୟ ଦେଶର କୃଷିର ଅଭିବୃଦ୍ଧି ପାଇଁ ଓ ଖାଦ୍ୟର ସ୍ୱାବଲମ୍ବୀ ପାଇଁ ଦେଶବିଦେଶରେ ସୁଖ୍ୟାତି ବଢ଼ାଇବା ପାଇଁ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଦେଶ ଗଠନରେ କୃଷକଟିର ଭୂମିକା ମଧ୍ୟ ଅନସ୍ୱୀକାର୍ଯ୍ୟ। ଏତିକି ପାର୍ଥକ୍ୟ ସୈନିକ ସରକାରଙ୍କ ଅଧିନରେ କେଇଟା ବର୍ଷ କାମକରି ବଞ୍ଚିଥିବା ଯାଏ ଭତ୍ତା ପାଏ । ମାତ୍ର କୃଷକଟି ଜୀବନସାରା ନିଜ ଜୀବନକୁ ପାଣି ଛଡ଼ାଇ କଠିନ ପରିଶ୍ରମ କରି ପରିଣତ ବୟସରେ ସରକାରଙ୍କ ପାଖରେ ସମାଜରେ ଏପରିକି ନିଜ ପରିଜନଙ୍କ ପାଖରେ ଅଲୋଡ଼ା ହୋଇପଡେ। ଦିନ ଥିଲା ଯେତେବେଳେ କୃଷିକୁ ଓ କୃଷକମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିଲା। ମାତ୍ର ସେ ସମୟ ଏବେ ବଦଳିଯାଇଛି। ଆଜି କୃଷକଟି କୃଷିକାର୍ଯ୍ୟ କରି ନିଜେ ସର୍ବସ୍ୱାନ୍ତ ହୋଇପଡୁଛି। ପରିବର୍ତ୍ତନଶୀଳ ଜଳବାୟୁ ସହିତ ଖାପ ଖୁଆଇ କୃଷିକାର୍ଯ୍ୟ ଠିକ୍ ଭାବରେ କରିପାରୁନାହିଁ। ଅଦିନ ମେଘ, ଅଦିନେ ଖରା ତାହା ପାଇଁ ଶତ୍ରୁରୂପେ ଉଭା ହେଉଛି। ଅଧିକ ଅମଳ ଓ ଲାଭ ଆଶାରେ ବିଭିନ୍ନ ସଂସ୍ଥାରୁ ଋଣ ନେଇ ସେ କୃଷିକାର୍ଯ୍ୟ କରୁଛି; ମାତ୍ର ସଠିକ୍ ଫସଲ ଅମଳ କରିନପାରି କ୍ଷତି ସହୁଛି। ଋଣଭାରରେ ଉବୁଟୁବୁ ହୋଇ ନିଜର ପ୍ରାଣ ବିସର୍ଜନ କରିବାକୁ ପଛାଉନାହିଁ। ଏବେ ନିକଟ ଅତୀତରେ କେତେ ଯେ କୃଷକ ଏଭଳି ପନ୍ଥାକୁ ଆପଣାଇ ନେଇଛନ୍ତି ତାହା ଗଣିବା କଷ୍ଟକର।

ଏହା ଦେଶପାଇଁ ଶୁଭଙ୍କର ନୁହେଁ। ଯଦି ଏଭଳି ଅବସ୍ଥା ଲାଗିରହେ କେହି ଜଣେହେଲେ କୃଷିକାର୍ଯ୍ୟ କରିବାକୁ ଆଗଭର ହେବେନାହିଁ। ଋଷ ଭଳି ଦଶା ଆମମାନଙ୍କୁ ଦିନେ ନା ଦିନେ ଭୋଗିବାକୁ ପଡ଼ିବ ଏଥିରେ ସନ୍ଦେହ ନାହିଁ। ସରକାର କୃଷିକୁ ଯେତେ ପ୍ରୋତ୍ସାହନ ଦେଉଛନ୍ତି ତା' ତୁଳନାରେ କୃଷକକୁ ସେତିକି ପ୍ରୋତ୍ସାହନ ମିଳୁନାହିଁ। ଭଗବାନ କରନ୍ତୁ ସରକାରଙ୍କ ସଦ୍‌ବୁଦ୍ଧି ଉଦୟ ହେଉ। କୃଷକକୁ ସମାଜରେ ଉପଯୁକ୍ତ ମର୍ଯ୍ୟାଦା ମିଳୁ। ପରିବର୍ତ୍ତିତ ଜଳବାୟୁ ସହିତ ଖାପଖୁଆଇ କୃଷକଟି ଯେଭଳି କୃଷିକାର୍ଯ୍ୟ କରିପାରିବ, ସେଥିନିମନ୍ତେ କିଭଳି ଓ କେଉଁପ୍ରକାର କୃଷି କରିବ, ସେଥିନିମନ୍ତେ ସରକାର ସେମାନଙ୍କୁ ସଚେତନ ବା ତାଲିମ୍ ଦେବା ବିଧେୟ। ଯଦ୍ଦ୍ୱାରା ଦେଶ ଖାଦ୍ୟଶସ୍ୟ ଉପରେ ଆତ୍ମନିର୍ଭରଶୀଳ ହେବା ସହିତ କୃଷକମାନଙ୍କର ମଙ୍ଗଳ ସାଧିତ ହେବ।

**—ହୃଷିକେଶ ମହାରଣା**, ନୁର୍ତ୍ତାଙ୍ଗ, କୁଆଁପାଳ, କଟକ- ୭୫୪୨୦୪, ମୋ-୯୪୩୮୫୧୨୫୧୭

## ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ ଜୟନ୍ତୀ ପାଳନ



ଯାଜପୁର (ପିଏନ୍): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଯାଜପୁର ତଥା ଓଡ଼ିଶାର ବରେଣ୍ୟ କବିମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ ଜୟନ୍ତୀ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଉପସଭାପତି ବିଭୂତିଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୦ଟା ସମୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଜୟନ୍ତୀ ଉତ୍ସବରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧୂପ, ଦୀପ, ପ୍ରଜ୍ୱଳନ କରିବା ସହିତ ବସୁଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଂଗଠନ ସମ୍ପାଦକ ହୃଷିକେଶ ପତି ସ୍ତୋତ୍ର ପାଠ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବସୁଙ୍କର ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଦଶରଥ ସାମଲ ଯୋଗଦେଇ ବସୁ ସାହିତ୍ୟ ଓ ତାଙ୍କ ଲିଖିତ ୩୬ ଗୋଟି ପୁସ୍ତକର ବିଭିନ୍ନ ଦିଗରୁ ଗବେଷଣାତ୍ମକ ପର୍ଯ୍ୟାଲୋଚନା କରିଥିଲେ। ସଂପାଦକ ଡ. କାହ୍ନୁଚରଣ ମିଶ୍ର ବିବରଣୀ ପାଠ କରିବା ସହିତ ବସୁଙ୍କ କବିତାର ମାର୍ମିକ ଛନ୍ଦ ଆବୃତ୍ତି କରିଥିଲେ। ଅଧିକାରୀ ନବକିଶୋର ଦାସ, ପ୍ରାକ୍ତନ ଜୀବନବୀମା ଅଧିକାରୀ ସୁବାସ ମହାପାତ୍ର, ଅନ୍ୱେଷଣ ସଭାପତି ବୃନ୍ଦାବନ ମିଶ୍ର, ସଂପାଦକ ଅଭିମନ୍ୟୁ ମିଶ୍ର, ସୁକାନ୍ତ ନାୟକ, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ସାହିତ୍ୟ ସଂପର୍କରେ ଆଲୋଚନା କରିଥିଲେ। ସାଂସ୍କୃତିକ ସଂପାଦକ ପାଣ୍ଡବ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

# ରୋଗୀ, ରୋଗ ଏବଂ ଚିକିତ୍ସକ

ଶାରୀରିକ, ମାନସିକ, ସାମାଜିକ ଏବଂ ସାଂସ୍କୃତିକ ସୁସ୍ଥ ଠିକ୍ ଥିଲେ, ଜଣେ ବ୍ୟକ୍ତି ନିରୋଗ ଅଛି ବୋଲି ବୁଝିବାକୁ ହେବ। ଅର୍ଥାତ୍ ସେ ଜଣେ ସାଧାରଣ ଭାବେ ସୁସ୍ଥ ବ୍ୟକ୍ତି। ଏହାର ବ୍ୟତିକ୍ରମ ହିଁ ଜଣକୁ ରୋଗୀ ବନାଇଥାଏ। ଶରୀର ଆବଶ୍ୟକ କରୁଥିବା ଖାଦ୍ୟ, ପାନୀୟ, ବିଶ୍ରାମ ଏବଂ ପରିବେଶୀୟ ସନ୍ତୁଳନର ବ୍ୟତିକ୍ରମ ହେଲେ, ଆମଠି ରୋଗ ସୃଷ୍ଟି ହୁଏ। ରୋଗକୁ ସାଧାରଣ ଭାବେ ଆମେ ଦୁଇଭାଗରେ ବିଭକ୍ତ କରିବୁ । ଯଥା- ସଂକ୍ରମିତ ଏବଂ ଅସଂକ୍ରମିତ ରୋଗ। ରୋଗ ହେଲେ ରୋଗୀ ପାଇଁ ଚିକିତ୍ସାର ଆବଶ୍ୟକତା ରହିଛି। ଚିକିତ୍ସାର ଅର୍ଥ ଔଷଧ ପ୍ରୟୋଗ କି ଅସ୍ତ୍ରୋପଚାର ଏବଂ ତଦ୍‌ଜନିତ ସେବାକୁ ବୁଝାଏ। ଚିକିତ୍ସାର ଅବହେଳାରେ ଅଚିନ୍ତନୀୟ ଅବସ୍ଥା ଘଟିପାରେ।

ଜନସାଧାରଣଙ୍କର ସେବା ପାଇଁ ସରକାରଙ୍କ ତରଫରୁ ଗ୍ରାମାଂଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ଗୋଷ୍ଠୀକେନ୍ଦ୍ରମାନ ସ୍ଥାପନ ହୋଇଛି। ଜିଲ୍ଲାର ସଦର ମହକୁମାମାନଙ୍କରେ ବଡ଼ ଡାକ୍ତରଖାନା ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟମାନ ଖୋଲାଯାଇଛି। ଦୁଃଖ ଯେ ଏସବୁ ସତ୍ତ୍ୱେ ବିଭାଗୀୟ ଡାକ୍ତରମାନଙ୍କ ଅଭାବ ରହିଛି। କେହି ନିଜ ସୁବିଧା ଦେଖି ଆସନ୍ତି ବା ଯାଆନ୍ତି । ଏପରିସ୍ଥଳେ ଅଭାବୀ ରୋଗୀଟି ବାଧ୍ୟ ହୋଇ ଘରୋଇ ଚିକିତ୍ସାଳୟ ଧାଆଁନ୍ତି ଏବଂ ସେଠାରେ ଭୟଙ୍କର ଭାବେ ଶୋଷିତ ହୁଅନ୍ତି। କଥାରେ କୁହନ୍ତି: ରୋଗୀ ମଲେ ବା ବଂଚିଲେ ଡାକ୍ତରର ଯାଏ ଆସେ ନାହିଁ। ତାର ମାହାସୁଲ ଦରକାର।

ପଇସାବାଲା ଏବଂ ବଡ଼ବଡ଼ିଆ ପାଇଁ ଚିନ୍ତା ନାହିଁ। ସେମାନେ ପଇସା ବା ନିଜର ପ୍ରତିପତି ବଳରେ ସାରା ଦୁନିଆକୁ ଆପଣେଇପାରିବେ। ଅବଶ୍ୟ ରୋଗ ନେଇ ରୋଗୀର ବଂଚିବା ମରିବା ନିର୍ଭର କରେ। ସାଧାରଣ ବ୍ୟକ୍ତିଟିଏ ପାଇଁ ଏବେ ଚିକିତ୍ସା ଅପହଂଚ। ଔଷଧର ଦାମ ଏତେ ବଢ଼ିଛି ଯେ ସେ ତାର ସର୍ବସ୍ୱ ସାରିବି ବଂଚିପାରୁନାହିଁ। ଔଷଧ କଂପାନୀମାନଙ୍କ ପ୍ରତି ସରକାରଙ୍କର କୌଣସି ଲଗାମ ନାହିଁ। ସେମାନେ ମନଇଚ୍ଛା ଔଷଧ ଦାମ୍ ବଢ଼ାଇଥାଆନ୍ତି । ଏମିତିକି ଅଳ୍ପ ସମୟ ବ୍ୟବଧାନରେ ଔଷଧର ଦାମ୍ ଦୁଇଗୁଣ ହେବାର ନଜିର ଅଛି।

ଡାକ୍ତରଖାନାରେ ଔଷଧ ଅଛି, ସେଗୁଡ଼ିକର ବ୍ୟାବହାରିକ ସମୟ ସୀମା ରହି ରହି ନୂଆ ପୁରୁଣା କାରଣରୁ ଫିଙ୍ଗା ଯାଉଛି । ଅଥଚ ରୋଗୀକୁ ଔଷଧ କିଣିବା ପାଇଁ ପାଖ ଦୋକାନକୁ ପଠାଇ ଦିଆଯାଇଛି। ଏଠାରେ ଡାକ୍ତର ଓ ଦୋକାନୀମାନଙ୍କର ମଧୁଚନ୍ଦ୍ରିକା ବା ଅସାଧୁ ମେଂଟ ଚାଲିଛି। ସେହିପରି ଡାକ୍ତରଖାନାରେ ପାଥୋଲୋଜି ବ୍ୟବସ୍ଥା ଥିଲେ ବି, ସାମ୍ନା ଦୋକାନକୁ ପଠାଇ ଦିଆଯାଇଛି। ଡାକ୍ତର ଯେମିତି ଅଧିକା ଦାମିକା ଔଷଧ ଲେଖିବେ, ସେତିକି ଡ୍ରଗିଷ୍ଟର ଲାଭ, କଂପାନୀର ଲାଭ ଏବଂ ଡାକ୍ତରଙ୍କ ପ୍ରତିଶତ ଲାଭ ସେତିକି। ଏବେ ଡାକ୍ତରଖାନାମାନଙ୍କରେ ଦଲାଲି କାରବାର। ସରକାରୀ ଡାକ୍ତରଖାନାର ଡାକ୍ତର ରୋଗୀକୁ ପଠାଇଦେଉଛନ୍ତି କୋଉ ନର୍ସିଂହୋମ୍‌କୁ। ନଚେତ୍ ତାଙ୍କ କ୍ଲିନିକ୍‌କୁ ଯିବାକୁ ପରାମର୍ଶ ଦେଉଛନ୍ତି। ସାଧାରଣ ରୋଗୀକୁ ଘରୋଇ ଡାକ୍ତରଖାନାମାନଙ୍କରେ ଜବରଦସ୍ତ ବେଡ୍ ବା ଆଇସିୟୁରେ ଭର୍ତି କରାଯାଉଛି। ତାକୁ ଶୋଷଣ କରାଯାଉଛି। ବଡ଼ ବଡ଼ ସହରରେ ଗଢ଼ି ଉଠିଥିବା ଘରୋଇ ଡାକ୍ତରଖାନାମାନଙ୍କଙ୍କରେ ଏହା ଏକ ନିତିଦିନିଆ ଘଟଣା। ଏମିତି ଅନେକ ଗରିବ ଲୋକ ପୂର୍ଣ୍ଣ ଆରୋଗ୍ୟ ହେବା ପୂର୍ବରୁ ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଛନ୍ତି। କାହା ପାଇଁ ବି 'ରାମନାମ ସତ୍ୟହେ' ସତ୍ୟ ହେଉଛି। ଏଗୁଡ଼ାକ ସବୁ ଅଙ୍ଗେଲିଭା କଥା। ଏମାନେ ଏମିତି ଏକ ଯମାଳୟ ସାଜିଛନ୍ତି ଯେ ଥରେ ଘରେ ଟିଙ୍କ ଲାଖେ ଝୁଣିକି ରକ୍ତ ଶୋଷି ନେବେ। କବିର ଭାଷାରେ- ଶାଗୁଣା, ଶୃଗାଳ ଡାକ୍ତର ହେଲେକି ମଡ଼ା ଦେହେ ଥିବ ପ୍ରାଣ...। ମୋଟ ଉପରେ କହିବାକୁ ଗଲେ ପଇସା ନାହିଁ ତ, କେହି ଶୁଣିବାର ନାହିଁ ।

ସାଧାରଣ ଲୋକଙ୍କୁ ଏସବୁ ଦୌରାତ୍ମ୍ୟରୁ ରକ୍ଷା କରିବା ନିମନ୍ତେ ଇଣ୍ଡିଆନ୍ ମେଡିକାଲ କାଉନ୍‌ସିଲ (ଏମ୍‌ସିଆଇ) ଏକ ନୂଆ ପଦକ୍ଷେପ ନେଇଛନ୍ତି। ସେ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ରୋଗୀକୁ ଶସ୍ତାରେ ମେଡିସିନ୍ ଦେବା ପାଇଁ ପ୍ରେସ୍‌କ୍ରିପ୍‌ସନ୍‌ରେ ଜେନେରିକ୍ ମେଡିସିନ୍ ଲେଖନ୍ତୁ। ଡାକ୍ତରମାନେ ଯେପରି ଏହାକୁ କଡ଼ାକଡ଼ି ଭାବେ ପାଳନ କରିବେ, ସେ ନେଇ ଏମ୍‌ସିଆଇ ସବୁ ମେଡିକାଲ କଲେଜ ଏବଂ ରାଜ୍ୟ ମେଡିକାଲ୍ କାଉନ୍‌ସିଲକୁ ଚିଠି ଲେଖି ଜଣାଇଛନ୍ତି। ଦେଶର ସମସ୍ତ ମେଡିକାଲ କଲେଜ ଏବଂ ରାଜ୍ୟର ମେଡିକାଲ୍ କାଉନ୍‌ସିଲ ଏହି ବ୍ୟବସ୍ଥାକୁ ଯେମିତି ଲାଗୁ କରିବେ ତାହା ବି ବାଧ୍ୟ କରିଛନ୍ତି। ଖିଲାଫକାରୀଙ୍କୁ ଦଣ୍ଡଦେବାର ମଧ୍ୟ ବ୍ୟବସ୍ଥା ରଖିଛନ୍ତି ।

ଏହି ଜେନେରିକ୍ ମେଡିସିନ୍ ଦାମ୍ ବହୁତ କମ୍। ଏଣୁ ଡାକ୍ତରମାନେ ଏହିପରି ଜେନେରିକ୍ ଔଷଧର ପ୍ରେସ୍‌କ୍ରିପ୍‌ସନ୍ ଦେଲେ, ରୋଗୀମାନେ ଉପକୃତ ହୋଇପାରିବେ। ଏଥିପାଇଁ ସରକାର ମେଡିକାଲ କଲେଜ, ଶିଶୁଭବନ ଏବଂ କ୍ୟାପିଟାଲ ହସ୍‌ପିଟାଲମାନଙ୍କରେ ଷ୍ଟୋରମାନ ରଖିଛନ୍ତି। ଜନଔଷଧୀ ମାଧ୍ୟମରେ ମଧ୍ୟ ଏହି ଜେନେରିକ୍ ଔଷଧ ଦେବାର ବ୍ୟବସ୍ଥା ଅଛି । ଏ ପ୍ରକାର ବ୍ୟବସ୍ଥାରେ ଅନ୍ତତଃ ଔଷଧ କଂପାନୀମାନଙ୍କ ଦାଉରୁ ମଧ୍ୟ ମୁକ୍ତି ମିଳିପାରିବ। ସରକାରଙ୍କର ଏ ପ୍ରକାର ପଦକ୍ଷେପକୁ ସ୍ୱାଗତ କରାଯାଇପାରେ। ତେବେ ଏହା କେତେଦୂର କାର୍ଯ୍ୟକାରୀ ହୋଇପାରୁଛି ଏବଂ ଖିଲାଫକାରୀଙ୍କୁ କି ପ୍ରକାର ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉଛି, କେବଳ ତାହାକୁ ଅପେକ୍ଷା କରିବାର ଅଛି ।

# ୧୩୨ ବର୍ଷ ମଧ୍ୟରେ ଓଡିଶା ସମ୍ମୁଖୀନ ହୋଇଛି ୧୦୭ଟି ସାମୁଦ୍ରିକ ଝଡବାତ୍ୟା



ଭୁବନେଶ୍ୱର (ପିଏନ୍)-ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ୧୩୧ ବର୍ଷ ମଧ୍ୟରେ ଓଡିଶାରେ ୧୦୭ଥର ସାମୁଦ୍ରିକ ଝଡବାତ୍ୟା ହୋଇଥିବା ସୂଚନା ମିଳିଛି । ସେଥି ମଧ୍ୟରୁ ୨୦୧୪ ମସିହା ଅକ୍ଟୋବର ୧୦ତାରିଖରେ ସଙ୍ଗଠିତ ହୋଇଥିବା ସାମୁଦ୍ରିକ ଝଡ "ହୁଡ୍ ହୁଡ୍" ଥିଲା ଓଡିଶାର ୧୦୦ତମ ସାମୁଦ୍ରିକ ଝଡବାତ୍ୟା । ଏହାପରେ ୨୦୧୬ମସିହା ଅକ୍ଟୋବର ମାସ ୨୫ତରିଖରେ 'କ୍ୟାଣ୍ଟ', ୨୦୧୮ମସିହା ସେପ୍ଟେମ୍ବର ମାସ ୨୧ତାରିଖରେ 'ଡାଏ' ଓ ଅକ୍ଟୋବର ୧୧ତାରିଖରେ 'ତିତଲି', ୨୦୧୯ମସିହା ମେ ମାସରେ 'ଫନିର', ନଭେମ୍ବର ମାସରେ ବୁଲୁବୁଲ ଓ ୨୦୨୦ ମସିହା ମେ ମାସରେ 'ଅମ୍ଫାନ' ୨୦୨୧ମସିହା ମେ ମାସ ୨୬ ତାରିଖରେ 'ୟସ୍' ନାମକ ସାମୁଦ୍ରିକ ଝଡ ବ୍ୟାପକ କ୍ଷୟକ୍ଷତି କରିଥିବା ବେଳେ ଚଳିତ ବର୍ଷ ସାମୁଦ୍ରିକ ଝଡ 'ସିତ୍ରଙ୍ଗ'ରୁ ବର୍ତ୍ତି ଯାଇଛି । ଓଡିଶା ପରି ଭାରତର ପୂର୍ବ ଉପକୂଳରେ ଅନେକ ରାଜ୍ୟ ଥିଲେ ବି ସାମୁଦ୍ରିକ ଝଡବାତ୍ୟା ସଂଖ୍ୟା ତାଲିକାରେ ସେସବୁ ରାଜ୍ୟ ବହୁ ପଛରେ । ଭାରତୀୟ ପାଣି ପାଗ ବିଭାଗ ଅନୁଯାୟୀ ୧୮୯୧ରୁ ୨୦୨୨ ମସିହା ମଧ୍ୟରେ ଓଡିଶା ଉପୂଳରେ ୧୦୭ଥର ବାତ୍ୟା ହୋଇଛି । ଏହି ୧୩୨ ବର୍ଷର ଅବଧୀ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ୮୫ଥର, ପର୍ଶ୍ଚିମବଙ୍ଗରେ ୭୩ଥର ଏବଂ ପୂର୍ବ ଭାରତର ଅନ୍ୟତମ ଉପକୂଳ ରାଜ୍ୟ ତାମିଲନାଡୁ ୬୬ଥର ସାମୁଦ୍ରିକ ଝଡବାତ୍ୟାର ସମ୍ମୁଖୀନ ହୋଇଥିବା ବେଳେ ଆମରାଜ୍ୟ ୧୦୭ଥର ସାମୁଦ୍ରିକ ଝଡ ବାତ୍ୟାରେ ସମ୍ମୁଖୀନ ହୋଇଛି । ଓଡିଶାରେ ସାଧାରଣତଃ ପ୍ରାକ୍ ମୌସୁମୀ ଓ ମୌସୁମୀ ପରବର୍ତ୍ତୀ ସମୟରେ ବାତ୍ୟା ହୋଇଥାଏ । ପ୍ରାକ୍ ମୌସୁମୀ ସମୟ ହେଉଛି ଏପ୍ରେଲରୁ ଜୁନ ଓ ମୌସୁମୀ ପରବର୍ତ୍ତି ସମୟ ହେଉଛି ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ । ଏହି ସମୟ ମଧ୍ୟରେ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ଅବପାତର ରପ ନେଇ ସାମୁଦ୍ରିକ ଝଡ ପରିଣତ ହୋଇ ସ୍ଥଳଭାଗ ଆଡକୁ ମାଡିଆସିଥାଏ । ଏଠାରେ ସୂଚନା ଥାଉକି ଭାରତ ଆମେରିକା ବଜ୍ଞାନ ଓ ପ୍ରଯୁକ୍ତି ଫୋରମ ପକ୍ଷରୁ ପ୍ରକାଶ କରାଯାଇଥିବା ଏକ ରିପୋର୍ଟ ଅନୁଯାୟୀ ୧୮୯୧ରୁ ୨୦୨୨ ମସିହା ମଧ୍ୟରେ ଓଡିଶା ୧୦୭ଥର ବାତ୍ୟା ବିପର୍ଯ୍ୟର ସମ୍ମୁଖୀନ ହୋଇଥିବା ପ୍ରକାଶ କରାଯାଇଛି । ବିଗତ ଏହି୧୩୨ ବର୍ଷ ଭିତରେ ବଙ୍ଗୋପସାଗର ମଧ୍ୟରେ ୬୩୦ଥର ଲଘୁଚାପ ପ୍ରଭାବରେ ସାମୁଦ୍ରିକ ଝଡବାତ୍ୟାରେ ସଂଘଠିତ ହୋଇଥିବା ବେଳେ ଏଥିରୁ ୫୪ ପ୍ରତିଶତ ବା ୩୩୫ଥର ବାତ୍ୟା ଭାରତର ଉପକୂଳ ବର୍ତ୍ତି ଅଞ୍ଚଳକୁ ଆଘାତ ଦେଇଥିବା ବେଳେ ୧୬ ପ୍ରତିଶତ ବା ୯୮ ଥର ବାତ୍ୟା ବାଂଲାଦେଶକୁ ଧକ୍କା ଦେଇଛି । ଏଥିରୁ ସହଜରେ ଅନୁମେୟ ହେଉଛି ଯେ ବଙ୍ଗୋପସାଗର ହେଉଛି ବାତ୍ୟାର ଏନ୍ତୁଡିଶାଳ । ଏହି ରିପୋର୍ଟ ଅନୁଯାୟୀ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ସାମୁଦ୍ରିକ ଝଡବାତ୍ୟା ସ୍ଥଳଭାଗରେ ବ୍ୟାପକ ଧନଜୀବନ କ୍ଷୟକ୍ଷତି ଘଟାଉଥିବାବେଳେ ଏହାର ସ୍ଥିତି କ୍ରମଶଃ ଗମ୍ଭିର ହେବାରେ ଲାଗିଛି । ଗତ କିଛିବର୍ଷ ଭିତରେ ବଙ୍ଗୋପସାଗରରେ ସଂଘଟିତ ହୋଇଥିବା ସମସ୍ତ ବାତ୍ୟା ମଧ୍ୟରୁ ୪୬ ପ୍ରତିଶତ ବାତ୍ୟା ବା ସାମୁଦ୍ରିକ ଝଡ ଭୟଙ୍କର ରୁପ ନେଇ ସ୍ଥଳଭାଗରେ ବ୍ୟାପକ କ୍ଷୟକ୍ଷତି କରିଛି ।



## ଦେଓମାଳି ପର୍ବତ ଶୃଙ୍ଗରେ କବି ସୁନୀଲ ମିଶ୍ରଙ୍କ 'ଶବ୍ଦ ଯେ ଅମୃତ' ପୁସ୍ତକ ଉନ୍ମୋଚିତ

ବାଙ୍କୀ/କଟକ/ଭୁବନେଶ୍ୱର (ପିଏନ୍): ଓଡ଼ିଶା ସୀମା ସୁରକ୍ଷା ଅଭିଯାନର 'ଚାଲ ଦେଓମାଳି, ଚାଲ କୋଟିଆ' ଅଭିଯାନରେ ସାମିଲ ହୋଇଥିବା ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି ତଥା ସୁ-ସାହିତ୍ୟିକ, ଶିକ୍ଷକ ସୁନୀଲ କୁମାର ମିଶ୍ରଙ୍କ ପୁସ୍ତକ 'ଶବ୍ଦ ଯେ ଅମୃତ' ରାଜ୍ୟର ଉଚ୍ଚତମ ଶୃଙ୍ଗ ଦେଓମାଳି ପାହାଡ଼ ଉପରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ସୀମା ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ବିଶିଷ୍ଟ ଗାନ୍ଧୀବାଦୀ ସର୍ବୋଦୟ ନେତା, କବି ତଥା ଶିକ୍ଷାବିତ୍ କୃଷ୍ଣ ସିଂହଙ୍କ ଦ୍ୱାରା ଉକ୍ତ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। 'ଅ'ଠାରୁ 'କ୍ଷ' ଅକ୍ଷର କ୍ରମେ ବର୍ଣ୍ଣମାଳା ଭିତ୍ତିରେ ଏକ ହଜାର ଏକ ସାରସ୍ୱତ ବାଣୀର ଏକତ୍ର ସଂକଳନ ଉକ୍ତ ପୁସ୍ତକକୁ କଟକର ଶକ୍ତି ପବ୍ଲିଶର୍ସ ପ୍ରକାଶନ କରିଛନ୍ତି। ଉକ୍ତ ସାଂସ୍କୃତିକ ସ୍ୱାଭିମାନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ, କୋରାପୁଟର ପ୍ରାକ୍ତନ ଜିଲ୍ଲାପାଳ ଗଦାଧର ପରିଜା, ଉତ୍କଳ ନ୍ୟାସୀ ମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର, ଓଡ଼ିଶା ଜନ ଅଧିକାର ପରିଷଦ ସଭାପତି ବିଜୟ ପରିଡ଼ା, ଭାଷା ଆନ୍ଦୋଳନର ନେତା ମୂରଲୀଧର ଭାଷ୍ୟମ୍ ଯୋଗ ଦେଇଥିଲେ। ସଭାପତି ଶ୍ରୀଯୁକ୍ତ ଶତପଥୀ କବି ସୁନୀଲ ମିଶ୍ରଙ୍କ ଦେଶପ୍ରେମ, ପୂଜ୍ୟପୂଜା ପ୍ରାଣ, ସାରସ୍ୱତ ସ୍ମୃତିକୁ ପ୍ରଶଂସା କରି କୋଟିଆ ଚାଲ ଅଭିଯାନରେ କବିଙ୍କ ଯୋଗଦାନକୁ ସାଂସ୍କୃତିକ ପ୍ରେରଣା ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଉକ୍ତ ସାଂସ୍କୃତିକ ଓ ସୀମା ସୁରକ୍ଷା ଅଭିଯାନରେ ବାଙ୍କୀରୁ କବି କୌଶିକ ନାୟକ, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରତ୍ନତତ୍ତ୍ୱ ଗବେଷକ ରବୀନ୍ଦ୍ର କୁମାର ରଣା, ଅଧ୍ୟାପକ ସୀତାକାନ୍ତ ପାଣିଗ୍ରାହୀ, ସାମାଜିକ କର୍ମୀ ଧନେଶ୍ୱର ବଳୀୟାର ସିଂହ, ଆଇନଜୀବୀ ରଣଜିତ ତ୍ରିପାଠୀ, କବି କାମଦେବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବାଲେଶ୍ୱରରେ ୟୁନିୟନ ବ୍ୟାଙ୍କର ସଚେତନତା ପଦଯାତ୍ରା



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ୟୁନିୟନ ବ୍ୟାଙ୍କ ମୁଖ୍ୟ ଶାଖାଠାରୁ ଆରମ୍ଭ କରି ଫକରୀମୋହନ ଗୋଲେଇ ଦେଇ ଆଇ.ଟି.ଆଇ ଛକ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ବାଲେଶ୍ୱର ୟୁନିୟନ ବ୍ୟାଙ୍କ ତରଫରୁ ଆୟୋଜନ କରାଯାଇଥିଲା। ଏହି ସଚେତନା ପଦଯାତ୍ରା ଭିଜିଲାନ୍ସ ଆୱାରନେସ୍ ଏବଂ ସଚୋଟ ନାଗରିକ ବିକଶିତ ରାଷ୍ଟ୍ରର ନିର୍ମାଣ କରିବା ଉଦ୍ଦେଶ୍ୟରେ ଦୁର୍ନୀତିମୁକ୍ତ ଭାରତ ଏବଂ ବିକଶିତ ଭାରତ ଗଢ଼ିବା ପାଇଁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ୟୁନିୟନ ବ୍ୟାଙ୍କ ମୁଖ୍ୟ ନିରଞ୍ଜନ ବାରିକ, ଉପମୁଖ୍ୟ ଗଜେନ୍ଦ୍ର ଦାସ, ମୁଖ୍ୟ ପ୍ରବନ୍ଧକ ଜୀବନଜ୍ୟୋତି ବେହେରା, ସଚେତକ ବିରଂଚି ମହାନ୍ତି, ମେଘନା ମାରାଣ୍ଡି ଓ ସମସ୍ତ ଲୋକାଲ ସଦସ୍ୟ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିକଶିତ ଭାରତ' ପାଇଁ ସମସ୍ତେ ଗୋଟିଏ ଗୋଟିଏ ପାଦ ଆଗକୁ ବଢ଼ାଇବା:ଧର୍ମେନ୍ଦ୍ର ପ୍ରଧାନ



ମାଲଗୁଣ୍ଡ/ସମ୍ବଲପୁର, (ପି.ଏନ): ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୨୫ ବର୍ଷରେ 'ବିକଶିତ ଭାରତ' ଗଠନ ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ବିକଶିତ ଭାରତ ଗଢିବା ପାଇଁ ହେଲେ ଆମେ ସମସ୍ତେ ନିଜ ନିଜର ସାମର୍ଥ୍ୟ ଅନୁସାରେ ଯୋଗଦାନ ରଖିବା । ନିଜ ନିଜ କ୍ଷେତ୍ରରେ ଗୋଟିଏ ଗୋଟିଏ ପାଦ ଆଗକୁ ବଢ଼ାଇବା ତଥା ସମସ୍ତଙ୍କୁ ଏହି ଆହ୍ୱାନରେ ଯୋଡି ବିକଶିତ ଭାରତର ସଂକଳ୍ପକୁ ସାକାର ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶନିବାର ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ତବଲା ପଞ୍ଚାୟତର ମାଲଗୁଣ୍ଡ ଠାରେ "ବିକଶିତ ଭାରତ ସଂକଳ୍ପ ଯାତ୍ରା"ରେ ସାମିଲ ହେବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଅମୃତ କାଳର ଚ଼ାରିଟି ଅମୃତ ସ୍ତମ୍ଭ ଅର୍ଥାତ୍ ଭାରତର ନାରୀ ଶକ୍ତି, ଯୁବ ଶକ୍ତି, କୃଷି ଶକ୍ତି ଏବଂ ଆମର ଗରିବ ଓ ମଧ୍ୟବିତ୍ତଙ୍କ ଶକ୍ତି ଭାରତକୁ ଶିଖରକୁ ନେବା ସହ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବ । ମୋଦିଙ୍କ ଗ୍ୟାରେଣ୍ଟି ଜନତାଙ୍କ ଆସ୍ଥାଭାଜନ ହୋଇଥିବା ବେଳେ ଆମେ ସମସ୍ତେ ନିଜ ନିଜ କ୍ଷେତ୍ରରେ 'ବିକଶିତ ଭାରତ' ପାଇଁ ଯୋଗଦାନ ରଖିବା ଦରକାର । ସମସ୍ତଙ୍କୁ ସାଙ୍ଗରେ ନେଇ ଗାଁରୁ ପଞ୍ଚାୟତ ପର୍ଯ୍ୟନ୍ତ, ବ୍ଲକରୁ ସହର ପର୍ଯ୍ୟନ୍ତ ତଥା ସହରରୁ ଜିଲ୍ଲା ଏବଂ ରାଜ୍ୟ ସହ ଦେଶକୁ ସାମଗ୍ରିକ ଭାବରେ ମଜଭୂତ କରିବାକୁ ହେବ । ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନ୍ତର୍ଗତ ମୋଦି ଗ୍ୟାରେଣ୍ଟି ଗାଡି ଭାରତବର୍ଷର ଅନେକ ପଞ୍ଚାୟତରେ ପହଞ୍ଚିଲାଣି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୨୦୨୯ ପର୍ଯ୍ୟନ୍ତ ମାଗଣା ଚ଼ାଉଳ, ସୌଭାଗ୍ୟ ଯୋଜନାରେ ପ୍ରତି ଘରକୁ ବିଜୁଳି, ଜନଧନ ଜରିଆରେ ବ୍ୟାଙ୍କଖାତାକୁ ଟଙ୍କା ଦେବାର ଗ୍ୟାରେଣ୍ଟି ମୋଦି ଦେଇଛନ୍ତି । ସମସ୍ତ କଲ୍ୟାଣକାରୀ ଯୋଜନା ଗୁଡ଼ିକର ସୁଫଳ ଯେପରି ନିର୍ଦ୍ଧାରିତ ସମୟରେ ସମସ୍ତ ହିତାଧିକାରୀଙ୍କ ପାଖରେ ପହଂଚ଼ି ପାରିବ ସେଥିପାଇଁ ସରକାରଙ୍କ ପ୍ରମୁଖ ଯୋଜନାଗୁଡ଼ିକୁ ଉପଲବ୍ଧ କରାଇବା ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ପ୍ରୟାସ ରହିଛି ।ସମସ୍ତଙ୍କୁ ସାଙ୍ଗରେ ନେଇ ସମସ୍ତ ବର୍ଗର ଲୋକଙ୍କୁ ସ୍ୱାବଲମ୍ବୀ କରିବା ସହ ସ୍ୱାଭିମାନ ସହକାରେ ବଞ୍ଚିବାର ସ୍ୱପ୍ନକୁ ସାକାର କରିବା । ଏହା ସହ କେନ୍ଦ୍ରମନ୍ତ୍ରୀ ଲୋକମାନଙ୍କୁ ନମୋ ଆପ୍, ମାଇ ଭାରତ ସଂଗଠନରେ ଯୋଡିହେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଥିଲେ । ସେହିପରି ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସମବେତ ଜନତାଙ୍କୁ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସଂକଳ୍ପ କରାଇଥିଲେ । ମୋଦି ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାର ଲାଭାର୍ଥୀଙ୍କୁ ଭେଟି ଆଲୋଚ଼ନା କରିଥିଲେ ।

# ଆସନ୍ତା ବର୍ଷ ରାଜ୍ୟରେ ଦିବ୍ୟାଙ୍ଗଙ୍କ ମଧ୍ୟରେ ହେବ ମିଷ୍ଟର ଓ ମିସ ଇଣ୍ଡିଆ ପ୍ରତିଯୋଗିତା



ଭୁବନେଶ୍ୱର ,(ପି.ଏନ): ପରିବର୍ତ୍ତନ ଓ ସ୍ୱାଭିମାନ ସଂଗଠନ ପକ୍ଷରୁ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ ଏବଂ ପୋଷ୍ଟର ଉନ୍ମୋଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱାଭିମାନ ସଂଗଠନର ମୁଖ୍ୟ ସ୍ମୃତି ମହାପାତ୍ର ପରିବର୍ତ୍ତନର ପ୍ରତିଷ୍ଠାତା ଅମିତ ତିୱାରି, ସ୍ୱେତା ତିୱାରି ଏବଂ ଟିମ ଗ୍ରୁପର ସିଏମଡି ନିଶିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ କହିଥିଲେ କି ରାଜ୍ୟରେ ୬୦ ରୁ ୭୦ ଲକ୍ଷ ଦିବ୍ୟାଙ୍ଗ ରହିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରତିଭା ସମ୍ପନ୍ନ ଛାତ୍ରଛାତ୍ରୀ ରହିଛନ୍ତି। ସେମାନଙ୍କର ସମ୍ମାନର ସହ ବଂଚିବାର ଇଛା ରହିଛି। ସେଥିପାଇଁ ଦିବ୍ୟାଙ୍ଗମାନଙ୍କ ପ୍ରତିଭା ଅନ୍ୱେଷଣ ପାଇଁ ଆସନ୍ତା ବର୍ଷ ଜାନୁଆରୀ ଓ ଫେବୃଆରୀ ମାସରେ ମିଷ୍ଟର ଓ ମିସ୍ ଇଣ୍ଡିଆ ଓଡ଼ିଶାରେ କରାଯିବ ବୋଲି ଘୋଷଣା କରିଥିଲେ। ପୂର୍ବରୁ ଗୁଜୁରାଟ ଓ ଝାଡ଼ଖଣ୍ଡରେ ଦିବ୍ୟାଙ୍ଗ ମାନଙ୍କ ମଧ୍ୟରେ ମିଷ୍ଟର ଓ ମିସ୍ ଇଣ୍ଡିଆ ସଫଳତାର ସହ ସରିଯାଇଛି। ଓଡ଼ିଶାରେ ଭିନ୍ନକ୍ଷମ ମାନେ କିଭଳି ଭାଗନେଇ ପାରିବେ ସେ ସମ୍ପର୍କରେ ଅତିଥିମାନେ ସୂଚନା ପ୍ରଦାନ କରିଥିଲେ। ଭାଗନେବାକୁ ଥିବା ଭିନ୍ନକ୍ଷମ ବା ଦିବ୍ୟାଙ୍ଗମାନେ ମିଷ୍ଟର ମିସ ଇଣ୍ଡିଆ କାର୍ଯ୍ୟକ୍ରମରେ ଆତ୍ମ ବିଶ୍ୱାସ ସହ ର୍ୟାମ୍ପ ସୋରେ ଭାଗନେବା, ପାରମ୍ପରିକ ନିୟମକୁ ଚ୍ୟାଲେ କରିବା ଏବଂ କୌଣସି ସୀମାକୁ ଜାଣିନଥିବା ଏକ ଶୈଳୀକୁ ପ୍ରକାଶ କରିବା ବର୍ତମାନ କେବଳ ସ୍ୱପ୍ନ ନୁହେଁ ଏହା ବାସ୍ତବରେ ପରିଣତ ହେବାକୁ ଯାଉଛି ବୋଲି ସେମାନେ ପ୍ରକାଶ କରିଥିଲେ। ଦିବ୍ୟାଙ୍ଗ ପ୍ରତିଭା ମାନଙ୍କୁ ନେଇ ଓଡ଼ିଶାରେ ହେବାକୁ ଥିବା ସାର୍ଥକ ଦ୍ୱାରା ମିଷ୍ଟର ଓ ମିସ୍ ଇଣ୍ଡିଆ ରାଜ୍ୟସ୍ତରରୁ ନେଇ ଜାତୀୟ ସ୍ତରରେ ପରିଚୟ ପ୍ରଦାନ କରିବା ଏକ ପ୍ରୟାସ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଏକ ଲୋଗୋ ବା ପୋଷ୍ଟର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଶେଷରେ ସାର୍ଥକ ଦ୍ୱିବେଦୀ, କିରଣ ବେହେରା, ନମିତା ସାହୁ, ରୁଦ୍ର ନାରାୟଣ ପ୍ରମୁଖଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସନ୍ତୋଷ ପ୍ରଧାନ ପରିଚାଳନା କରିଥିଲେ।

# ରାଜ୍ୟ କଂଗ୍ରେସ ମଦବ୍ୟବସାୟୀଙ୍କ କଳାଟଙ୍କା ପାହାଡ଼ରୁ ପର୍ଦ୍ଦା ହଟାଇବା ପାଇଁ ଜୁଡିସିଆଲ ତଦନ୍ତ ଦାବି କଲା




ଭୁବନେଶ୍ୱର ,(ପି.ଏନ): ଆସନ୍ତା ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଆୟକର ବିଭାଗ ଦ୍ୱାରା ସୁନ୍ଦରଗଡ଼, ଖୋର୍ଦ୍ଧା, ବୌଦ୍ଧ, ସମ୍ବଲପୁର, ବଲାଙ୍ଗିର ଇତ୍ୟାଦି ଜିଲ୍ଲାରେ ମଦ ବ୍ୟବସାୟୀଙ୍କ ଅଫିସ, କାରଖାନା, କର୍ମଚାରୀ ମାନଙ୍କ ଘର ଏବଂ ସେମାନଙ୍କ ବିଭିନ୍ନ ଠିକଣାରେ ଏକାଥରକେ ଚଢ଼ାଉ କରି ୩୦୦ କୋଟି ଟଙ୍କାରୁ ଅଧିକ ଜବତ କରିଛନ୍ତି ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି। କିନ୍ତୁ ଦୀର୍ଘ ଚାରିଦିନ ପରେ ମଧ୍ୟ ଗଣତି ଏବଂ ଚଢ଼ାଉ କାର୍ଯ୍ୟ ଏପର୍ଯ୍ୟନ୍ତ ସରିନାହିଁ। ଆୟକର ବିଭାଗ ଏପର୍ଯ୍ୟନ୍ତ କୌଣସି ସରକାରୀ ସ୍ତରରେ ପ୍ରକୃତରେ କେତେ କୋଟି ଟଙ୍କା ଜବତ କରାଯାଇଛି ଏବଂ କେଉଁ କେଉ ମଦବ୍ୟବସାୟୀଙ୍କ ପାଖରୁ କେତେ କୋଟି ଟଙ୍କା ଜବତ କରାଯାଇଛି ତାହାକୁ ପ୍ରକାଶ କରାଯାଇ ନାହିଁ। ଓଡ଼ିଶାର ମଦବ୍ୟବସାୟୀ ରାଜକିଶୋର ସାହୁ, ଦେବରାଜ ସାହୁ, ବଳଦେବ ସାହୁ ଆଣ୍ଡ ସନ୍ସ, କାମେଶ୍ୱର ତିୱାରୀ, ରାଜକିଶୋର ଜୟସୁଆଲ ଓ ଅନ୍ୟମାନଙ୍କ ମଦ କାରଖାନା ଉପରେ ଚଢ଼ାଉ ଜାରି ରହିଛି। ଏହି କଳାଟଙ୍କାର ପ୍ରକୃତ ଉତ୍ସ କଣ ଏବଂ କିଭଳି ଏତେଗୁଡ଼ିଏ କଳାଟଙ୍କା ଏହି ମଦବ୍ୟବସାୟୀମାନେ କାହିଁକି ଠୁଳ କରିଥିଲେ ଏହାର ସତ୍ୟାସତ୍ୟ ରାଜ୍ୟବାସୀଙ୍କୁ ଜଣାଯାଉ ବୋଲି ଦାବି କରି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି କହିଲେଯେ ଯଦି ପ୍ରକୃତରେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କର ଆୟକର ବିଭାଗ ରାଜ୍ୟବାସୀଙ୍କୁ ଏହାର ସଂପୂର୍ଣ୍ଣ ତଥ୍ୟ ତଥା ଏ କଳାଟଙ୍କାର ଉତ୍ସକୁ ଖୋଲାସା କରିବାକୁ ଚାହୁଁଛନ୍ତି ତାହାଲେ ତୁରନ୍ତ ରାଜ୍ୟ ସରକାର ଏକ ଏସଆଇଟି ଗଠନ କରନ୍ତୁ ଏବଂ ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ। କିଭଳି ଏହି କେଇଟା ଦିନରେ ଶହ ଶହ କୋଟି ଟଙ୍କା ଏ ମଦବ୍ୟବସାୟୀମାନେ ନିଜ ଘରେ ଏବଂ ନିଜ କାର୍ଯ୍ୟାଳୟରେ ଠୁଳ କରିପାରିଲେ। ଏହାର କାଣିଚାଏ ଖବର ରାଜ୍ୟ ସରକାରଙ୍କର ଅବକାରୀ ବିଭାଗର ଅଧିକାରୀ, ପୋଲିସ କିମ୍ବା ଗୁଇନ୍ଦା ବିଭାଗ ଏପରିକି କେନ୍ଦ୍ର ସରକାରଙ୍କର ଆୟକର ବିଭାଗ, ରେଭିନିୟୁ ଇଂଟିଲିଜେନ୍ସ ବିଭାଗ, ପ୍ରବର୍ତନ ନିର୍ଦ୍ଦେଶାଳୟ କେହି କିଛି ଜାଣିପାରିଲେ ନାହିଁ। ଟ୍ରକ ଟ୍ରକ ଟଙ୍କା ବସ୍ତା କଣ କିଛି ଦିନ ଭିତରେ ସଂଗ୍ରହ କରାଯାଇଛିକି ? ଯଦି ଏସବୁ ବିଭାଗଙ୍କ ପାଖରେ ଖୋଜ ଖବର ନାହିଁ ଏସବୁ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ଏକ ବଡ଼ ପ୍ରଶ୍ନ ଆଜି ଉଙ୍କି ମାରୁଛି। ଉପରୋକ୍ତ ଘଟଣାରୁ ଏହା ବୁଝାପଡୁଛି ଯେ ବିଜୁ ଜନତା ଦଳ ସରକାର ମଦ ବ୍ୟବସାୟୀଙ୍କୁ ବହୁ ମାତ୍ରାରେ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ରାଜ୍ୟରେ ବହୁ ନିରିହ ଆଦିବାସୀମାନେ ଏହାର କୁପ୍ରଭାବ ଭୋଗୁଛନ୍ତି ସରକାର ରାଜ୍ୟର ପ୍ରଗତୀ ହେଉଛି ବୋଲି ବାଜା ବଜାଉଛନ୍ତି। ଏସବୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବୁଝାମଣା ଭିତିରେ ଏ କାରବାର ଚାଲିଛି। ସବୁଠାରୁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ କଥା ରାଜିକିଶୋର ସାହୁଙ୍କର ଜଣେ କର୍ମଚାରୀର ଭଡ଼ାଘରୁ ୩୦ କୋଟି ଟଙ୍କା ଜବତ ହୋଇଛି ବୋଲି ଗଣମାଧ୍ୟମରେ ପ୍ରକାଶ ଏବଂ ପଡୋଶୀମାନଙ୍କ ତଥ୍ୟକୁ ଉଦ୍ଧାର କରି କୁହାଯାଇଛି ଯେ ୧୦ ଦିନ ପୂର୍ବରୁ ତାଙ୍କ ଘର ସାମନାରେ ଦୁଇଟି ଗାଡ଼ିରେ ପେଟିରେ କଣ ଆସିଥିଲା ଏବଂ ତାଙ୍କ ଘରେ ରଖାଯାଇଥିଲା। ଏବେ ସେମାନେ ଜାଣିବାକୁ ସେଗୁଡ଼ିକ ଟଙ୍କା। ତେଣୁ ଏ ଟଙ୍କା ଗୁଡ଼ିକ ମଦବ୍ୟବସାୟୀଙ୍କ ମାଧ୍ୟମରେ ନିର୍ବାଚନ ଚାଲିଥିବା ରାଜ୍ୟମାନଙ୍କୁ ପଠାଇବା ପାଇଁ କୌଣସି ରାଜନୈତିକ ଦଳ ରଖିଥିଲାକି ? ଏହି ଘଟଣାଉପରେ ସାମାଜିକ ଗଣମାଧ୍ୟମ ଟୁଇଟର/ଏକ୍ସ ପ୍ରଧାନମନ୍ତ୍ରୀ ଏସବୁ ଲୁଟ ପଇସା ଫେରାଇବାକୁ ହେବ। ଏହା ମୋଦି ଗ୍ୟାରେଂଟି ବୋଲି ଲେଖିଛନ୍ତି। କିନ୍ତୁ ଶ୍ରୀ ମହାନ୍ତି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ଦୁର୍ନୀତିକୁ ବିଲୋପ କରିବାପାଇଁ ଉଦ୍ୟମକୁ ପ୍ରଶଂସା କରିବା ସହିତ ମନେପକାଇ ଦେଇ କହିଛନ୍ତି ଯେ ୩୮ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ଭାରତୀୟ ବ୍ୟାଙ୍କ ମାନଙ୍କରୁ ୧୦ ଟ୍ରିଲିୟନରୁ ଅଧିକ ଅର୍ଥ ଲୁଟ କରି ୨୦୧୪ ମସିହାରୁ ଆଜି ପର୍ଯ୍ୟନ୍ତ ଦେଶଛାଡ଼ି ଚାଲିଯାଇଛନ୍ତି। ପ୍ରମୁଖ ଲୁଟେରାମାନେ ବିଜୟ ମାଲ୍ୟା, ମେହେଲୁ ଚୋକ୍ସି, ନିରବ ମୋଦି, ନିଶାନ ମୋଦି, ମୟୁରବେନ ପଟେଲ, ବର୍ଷକାର୍ଲରା, ସଂଜୟ କାର୍ଲରା, ରିତେଶ ଜେନ, ଜତୀନ ମେହେଟା, ଚେତନ ଜୟନ୍ତୀଲାଲ, ସଂଜୟ ଭଣ୍ଡାରୀ ଓ ଅନ୍ୟମାନେ ଯେଉଁମାନେକି ପ୍ରଧାନମନ୍ତ୍ରୀଙ୍କର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ ଅଟନ୍ତ। ଆଜି ପର୍ଯ୍ୟନ୍ତ ଏହିସବୁ ଦେଶରୁ ପଳାୟନ କାରି ଲୁଟେରାଙ୍କ ପାଖରୁ ଲୁଟ ଟଙ୍କାରୁ କେତେ ଟଙ୍କା ଆଦାୟ କରାଗଲା ଏବଂ ତାଙ୍କର ସମ୍ପତି ବାଜ୍ୟାପ୍ତକରି କେତେଟଙ୍କା ରାଜକୋଷକୁ ଆସିଲା ତାର ଆଜିପର୍ଯ୍ୟନ୍ତ ହିସାବ ଦେଶବାସୀଙ୍କ ପାଖରେ ରଖିଲେ ନାହିଁ। ଦୟାକରି ଏହାର ତଥ୍ୟ ବିଳମ୍ବ ହେଲେ ମଧ୍ୟ ଦେଶବାସୀଙ୍କ ସମ୍ମୁଖରେ ରଖାଯାଉ। ଏସବୁ କଳାଟଙ୍କାର ପାହାଡ଼ ଆଗରୁ କେବେ ଦେଖାଯାଉନଥିଲା। ଭାରତବର୍ଷରେ ଏକ ଦୁର୍ନୀତିମୁକ୍ତ ସରକାର ଓ ଓଡ଼ିଶାରେ ଅତ୍ୟନ୍ତ ଲୋକପ୍ରିୟ ଏବଂ ଦୁର୍ନୀତି ବିରୁଦ୍ଧରେ ଲଢୁଥିବା କଥା କହୁଥିବା ଏକ ସରକାର ସମୟରେ ୩୦୦ କୋଟି ଟଙ୍କାରୁ ଅଧିକ ଟଙ୍କା ଠାବ ହେବା ଏହା କେଉଁ ଦିଗକୁ ସୂଚାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଉଭୟ ଦଳର ନେତୃବୃନ୍ଦ ମଦ ବ୍ୟବସାୟୀଙ୍କ ସଂଗଠନରେ ଲାଭାର୍ଥୀ ଥିଲେ। ସଂପୂର୍ଣ୍ଣ ବିଚାରବିଭାଗୀୟ ତଦନ୍ତ କରାଗଲେ ଏହାର ସଂପୂର୍ଣ୍ଣ ତଥ୍ୟ ଜନସାଧାରଣ ପାଇବେ ବୋଲି ଶ୍ରୀଯୁକ୍ତ ମହାନ୍ତି କହିଛନ୍ତି।


MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Sunday December 10, 2023 ଭୁବନେଶ୍ୱର ରବିବାର, ଡିସେମ୍ବର ୧୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ମ୍ୟାନେଜମେଣ୍ଟ ବିଦ୍ୟାର୍ଥୀଙ୍କ ବିଭିନ୍ନ ଯୋଜନା ଅନୁଧ୍ୟାନ



ପୁରୀ(ପି.ଏନ): ଭାରତର ଧାର୍ମିକ ଚାରିଧାମ ମଧ୍ୟରୁ ପୁରୀ ଜଗନ୍ନାଥ ମନ୍ଦିର ଅନ୍ୟତମ।ପୁରୀ କେବଳ ଧାର୍ମିକ କ୍ଷେତ୍ର ଭାବେ ନୁହେଁ ପର୍ଯ୍ୟଟନ କ୍ଷେତ୍ର ଭାବେ ମଧ୍ୟ ଲକ୍ଷ ଲକ୍ଷ ଲୋକ ଙ୍କୁ ଆକୃଷ୍ଟ କରିଥାଏ।ତେଣୁ ଏହି ବିପୁଳ ଭକ୍ତ ଓ ପର୍ଯ୍ୟଟକ ଙ୍କ ସୁରକ୍ଷା ଓ ସୁରକ୍ଷିତ ଯାତ୍ରା ପରିଚାଳନା ଏକ ସଫଳ ମ୍ୟାନେଜମେଣ୍ଟ ବ୍ୟବସ୍ଥା ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ମତ ଦେଇଛନ୍ତି।ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଦେଶ ର ବିଭିନ୍ନ ମ୍ୟାନେଜମେଣ୍ଟ ଅନୁଷ୍ଠାନରୁ ଆସିଥିବା ବିଦ୍ୟାର୍ଥୀ ମାନଙ୍କ ସହ ଶ୍ରୀ ସାହୁ ଆଲୋଚନା କରିଥିଲେ।ଜିଲ୍ଲା ପ୍ରଶାସନ ର ବିବିଧ କାର୍ଯ୍ୟ ସମ୍ପର୍କରେ ଶ୍ରୀ ସାହୁ ସେମାନଙ୍କୁ ସୂଚନା ଦେବା ସହ ବିଦ୍ୟାର୍ଥୀ ମାନଙ୍କ ବିଭିନ୍ନ ପ୍ରଶ୍ନ ର ଉତ୍ତର ମଧ୍ୟ ଦେଇଥିଲେ।ପୂର୍ବାହ୍ନରେ ଏହି ଟିମ ପୁରୀ ରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା।ଉତ୍କର୍ଷ ବିଜୟ ଙ୍କ ତତ୍ତ୍ୱାବଧାନରେ ଆଇଆଇଏମ ବାଙ୍ଗାଲୋର, ଆଇଆଇଏମ କୋଲକାତା, ଏଫ ଏମ ଏସ ଦିଲ୍ଲୀ, ଆଇଆଇଏମ ଲକ୍ଷ୍ନୌ,ବିଟସମ ମୁମ୍ବାଇ ଓ ଏକ୍ସଆଇଏମ ଭୁବନେଶ୍ୱର ରୁ ଆସିଥିବା ଏହି ୧୮ ଜଣିଆ ବିଦ୍ୟାର୍ଥୀ ମାନେ ପ୍ରଥମେ ସରକାରୀ ବାଳିକା ବିଦ୍ୟାଳୟ ରେ ପହଞ୍ଚି ବିଦ୍ୟାଳୟର ଭିତ୍ତିଭୂମି, ପରିବେଶ ଦେଖିବା ସହ ଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ।ପରେ ତାଳବଣିଆ ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର, ନୀଳାଦ୍ରି ବିଚ୍ ସ୍ଥିତ ମିଶନ ଶକ୍ତି କାଫେ ଦେଖିବା ସହ ଉଦ୍ଦେଶ୍ୟ, ଲକ୍ଷ୍ୟ ଓ କାର୍ଯ୍ୟ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।ପରେ ଉତ୍କଳ ବାଳାଶ୍ରମ ଓ ଜଗନ୍ନାଥ ଷ୍ଟାଡିୟମ ବୁଲି ଅନ୍ତେବାସୀ ଙ୍କ ସହ କଥା ହୋଇଥିଲେ।ପରେ ବାଟମଙ୍ଗଳା ଛକ ସ୍ଥିତ ମୋ ସେବା କେନ୍ଦ୍ର ଓ କୁକୁଡ଼ା ଫାର୍ମ ପରିଦର୍ଶନ କରି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ।ଏହି କ୍ଷେତ୍ର ପରିଦର୍ଶନ ବିଦ୍ୟାର୍ଥୀମାନଙ୍କ କ୍ୟାରିଅର ପାଇଁ ଅନେକ ଉପଯୋଗୀ ସାବ୍ୟସ୍ତ ହେବା ସହ ଅଭିଜ୍ଞତା ଆଗକୁ ବଢ଼ିବାରେ ସାହାଯ୍ୟ କରିବ ବୋଲି ସମଗ୍ର ଅନୁଷ୍ଠାନ ର କର୍ମକର୍ତ୍ତା ତଥା ଟିମ ମ୍ୟାନେଜର ଉତ୍କର୍ଷ ଓ ସିଦ୍ଧାନ୍ତ ମତ ଦେଇଥିଲେ।ଏହି ପରିଦର୍ଶନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସହଯୋଗ କରିଥିଲେ।

# ବିଜେପିର ମିଶ୍ରଣ ପର୍ବରେ ବିଜେଡିରୁ ବିଜେପିରେ ମିଶିଲେ ପଚାଶ ରୁ ଉର୍ଦ୍ଧ କର୍ମୀ

ନିମାପଡ଼ା,(ପି.ଏନ): ଭାରତୀୟ ଜନତା ପାର୍ଟି, ନିମାପଡା ନିର୍ବାଚନ ମଣ୍ଡଳୀ ତରଫରୁ ଏକ ମିଶ୍ରଣ କାର୍ଯ୍ୟକ୍ରମ ନିମାପଡା ମଣ୍ଡଳ କାର୍ଯ୍ୟାଳୟରେ ନେତା ଦିଲୀପ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି ଅବସରରେ ଉଛୁପୁର ପଂଚାୟତର ସୁର ବରାଳ,ନେତ୍ରାନନ୍ଦ ପରିଡା,କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସହିତ ୫୦ରୁ ଉର୍ଦ୍ଧ୍ୱ ବିଜେଡି ସମର୍ଥକ ବିଜୁ ଜନତା ଦଳ ପରିତ୍ୟାଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି-ଆଦର୍ଶ ଏବଂ ସୁଶାସନରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀପ ନାୟକଙ୍କ ସହିତ ଗଙ୍ଗାଧର ଜେନା,ସନ୍ତୋଷ ରଥ,ପୂର୍ଣ୍ଣଚନ୍ଦ୍ର ସାହୁ ଓ ମଣ୍ଡଳ ସଭାପତି ମାନସ ପ୍ରଧାନ ଅନ୍ୟ ବରିଷ୍ଠ ନେତୃତ୍ୱ ଏବଂ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।ନୂତନ କରି ମିଶିଥିବା କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ ଜଣାଇବା ସହିତ,ଏତେ ସଂଖ୍ୟକ ଲୋକ ଭାରତୀୟ ଜନତା ପାର୍ଟିରେ ମିଶିବା ଫଳରେ ଦଳ ଆହୁରି ଶକ୍ତିଶାଳୀ ଏବଂ ସଂଗଠିତ ହେବା ସହ ପାର୍ଟିର ଜନାଧାର ବୃଦ୍ଧି ପାଇବ ବୋଲି ଦିଲ୍ଲୀପ ନାୟକ ଆଶା ପ୍ରକଟ କରିଛନ୍ତି।

# କଂସ ବଧ ସହ ଝାଂକ୍ରିପାଲିରେ ଧନୁଯାତ୍ରା ମହୋତ୍ସବ ଉଦଯାପିତ



ଖପ୍ରାଖୋଲ,(ପିଏନ) :ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଘୁନସର ପଞ୍ଚାୟତ ଝାଂକ୍ରିପାଲି ଠାରେ ଆୟୋଜିତ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ବିଳମ୍ବିତ ରାତିରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାର ରାଜ ଅତିଥି ରୂପେ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ବେନ୍ଦେର ବନପାଳ ସନ୍ଧ୍ୟାରାଣୀ ସେଠ, ଯୁବ ବ୍ୟବସାୟୀ ସୁନିଲ ପ୍ରଧାନ, ସରୋଜ ଭୋଇ, ବିପିନ ବେହେରା, ମଦନ ତାଣ୍ଡି ଓ ବବ୍ଲୁ ସାହୁ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିବା ବେଳେ ଶଙ୍କର ବେହେରା ଓ ସାଥିଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ଙ୍କ ମନ ମୋହିଥିଲା। ଏହି ଅବସରରେ ଧନୁଯାତ୍ରା ର କଂସ ବଧ ମଞ୍ଚସ୍ଥ ହୋଇଥିଲେ। କଂସ ଭୂମିକା ରେ ବରିଷ୍ଠ କଳାକାର ରବୀନ୍ଦ୍ର ସାହୁ, ବଳରାମ ଲିଙ୍କନ ସାହୁ, କୃଷ୍ଣ ରିତିକ ସାହୁ ଅଭିନୟ କରିଥିଲେ। ଏହି ଅବସରରେ ଯାତ୍ରା କମିଟି ସଭାପତି ଜଳଧର ତାଣ୍ଡି, ସମ୍ପାଦକ ଯଶୋବନ୍ତ ସାହୁ, ଦୟାନିଧି ମାଝୀ, ଜ୍ୟୋତିଷ ସାହୁ, କିଶୋର ସାହୁ, ରବୀନ୍ଦ୍ର ଗଡତ୍ୟା, ସୁନିଲ ନନ୍ଦ, ଗଣେଶ ସାହୁ, ପ୍ରଶାନ୍ତ ଗଡତ୍ୟା, ଅନାଦି ବାଗ, ପଞ୍ଚାନନ ପ୍ରଧାନ, ଡଗର ଗଡତ୍ୟା, ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାତ ଦିନ ଧରି ଅନୁଷ୍ଠିତ ଧନୁଯାତ୍ରା ମହୋତ୍ସବ ମିନାବଜାର, ବିଭିନ୍ନ ଦୋଳି, ଦୋକାନ ବଜାର ଆୟୋଜିତ ହୋଇଥିଲା।

# ଚତୁର୍ଥ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ

ପୁରୀ, (ପି.ଏନ):ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ସମେତ ନିମାପଡା,କୋଣାର୍କ,ପିପିଲି ବ୍ରହ୍ମଗିରି ଏବଂ କଣାସ ଅଦାଲତରେ ଶନିବାର ଚତୁର୍ଥ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ ଶ୍ରୀଯୁକ୍ତ ଶିତିକଣ୍ଠ ସାମଲଙ୍କ ତତ୍ତ୍ୱାବଧାନରେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀ ଅମିତ କୁମାର ବାରିକଙ୍କ ପରିଚାଳନାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଶହ ୯୪ଗୋଟି ମକଦ୍ଦମାର ଫଇସଲା କରାଯିବା ସହ ଜୋରିମାନା ଓ କ୍ଷତିପୂରଣ ବାବଦରେ ୫କୋଟି ୪୭ଲକ୍ଷ ୬୪ହଜାର ୭ଶହ ୧୨ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତରେ ୧ଶହ ୧୨ଟି ମୋଟର ଦୁର୍ଘଟଣା ମାମଲାର ବିଚାର କରାଯାଇ ୫କୋଟି ୨୬ଲକ୍ଷ ୫୨ହଜାର ଟଙ୍କା ଅଦାୟ କରାଯାଇଛି। କ୍ଷତିପୂରଣ ବାବଦରେ ଟଙ୍କା ଦେବା ପାଇଁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଛଡା ବ୍ୟାଙ୍କ ଋଣ ମାମଲାର ବିଚାର କରାଯାଇ ୧କୋଟି ୩୩ଲକ୍ଷ ୧୬ହଜାର ୭୧୫ଟଙ୍କା ଆଦାୟ କରାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲ୍ଲା ଦୌରାଜଜ ଶ୍ରୀଯୁକ୍ତ ଶିତିକଣ୍ଠ ସାମଲ ଏହାକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ। ସ୍ଥାୟୀ ଲୋକ ଅଦାଲତ ଅଧକ୍ଷା ଶ୍ରୁଶ୍ରୀ ପ୍ରତିମା ପଣ୍ଡା,ପରିବାର ଲୋକ ଅଦାଲତ ବିଚାରପତି ଶ୍ରୀଯୁକ୍ତ ଅରୁଣ କୁମାର ମଲ୍ଲିକ,ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ ଅମୀୟ ରଞ୍ଜନ ଜେନା,ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ ଚିନ୍ମୟ ମିଶ୍ର,ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରାଣା ଘୋଷ,ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଦିଗବିଜୟ ଦାସ,ଦେୱାନୀ ବିଚାରପତି ମନିନ୍ଦ୍ର ଭୁଷଣ ସାହୁ,ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପତିତପାବନ ପଣ୍ଡା,ଗ୍ରାମ ନ୍ୟାୟଧିକାରୀ ନର୍ମଦା କର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତନ୍ମୟ ରଞ୍ଜନ ଦାସ ଓ ଶୃତିକୀର୍ତି ଆଚାର୍ଯ୍ୟ ମାମଲା ଗୁଡିକର ଫଇସଲା କରିଥିଲେ। ପ୍ରାଧିକରଣ ସଚିବ ଅମିତ କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶାରେ ପ୍ରଥମ : କିମ୍ସରେ ଆରମ୍ଭ ହେଲା ବେଲୁନ୍ ମାଇକ୍ରୋ-କମ୍ପ୍ରେସନ୍ ଚିକିତ୍ସା

ଭୁବନେଶ୍ୱର,(ପି.ଏନ): କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (କିମ୍ସ)ରେ ପ୍ରଥମ ଥର ପାଇଁ ବେଲୁନ୍ ମାଇକ୍ରୋକମ୍ପ୍ରେସନ୍ ଚିକିତ୍ସା ଆରମ୍ଭ ହୋଇଛି। ଦୀର୍ଘ ୭ବର୍ଷ ଧରି ମୁହଁରେ ଯନ୍ତ୍ରଣା ଭୋଗୁଥିବା ଜନୈକା ରୋଗୀଙ୍କଠାରେ ସଫଳ ଚିକିତ୍ସା କରାଯାଇପାରିଛି। ଏଭଳି ପଦ୍ଧତି ପ୍ରଥମ ଥର ଲାଗି ଓଡ଼ିଶାରେ ଆରମ୍ଭ କରାଯାଇଥିବା କିମ୍ସ ଯନ୍ତ୍ରଣା ରୋଗ ବିଶେଷଜ୍ଞ ଡା. ରାଜେନ୍ଦ୍ର ସାହୁ ଦାବି କରିଛନ୍ତି। 'ଟ୍ରାଇଜେମିନାଲ ନ୍ୟୁରୋଲଜିଆ' ନାମକ ରୋଗରେ ପୀଡ଼ିତ ଥିବା ଉକ୍ତ ରୋଗୀଙ୍କୁ ସର୍ବଦା ତୀକ୍ଷ୍ଣ ଛୁରାମାଡ଼ ଏବଂ ବିଦ୍ୟୁତ୍ ଆଘାତ ଲାଗିବା ଭଳି ଯନ୍ତ୍ରଣା ଅନୁଭୂତ ହେଉଥିଲା। ସେ କିମ୍ସର ପେନ୍ ଆଣ୍ଡ ପାଲିଏଟିଭ୍ ମେଡିସିନ୍ ପରାମର୍ଶଦାତା ଡା. ରାଜେନ୍ଦ୍ର ସାହୁଙ୍କୁ ପରାମର୍ଶ କରିଥିଲେ। ଡା ସାହୁ ବିଭିନ୍ନ ପରୀକ୍ଷା କରିବା ପରେ ତାଙ୍କୁ ବେଲୁନ୍ ମାଇକ୍ରୋକମ୍ପ୍ରେସନ୍ ପଦ୍ଧତିରେ ଚିକିତ୍ସା କରିବା ପାଇଁ ପରାମର୍ଶ ଦେଇଥିଲେ। ଡା ସାହୁ ଓ ତାଙ୍କ ଡାକ୍ତରୀ ଦଳ ମାତ୍ର ୩୦ ମିନିଟ୍ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ କରିଥିଲେ। ପ୍ରକ୍ରିୟା ଶେଷ ହେବାର କିଛି ମୁହୂର୍ତ୍ତରେ ହିଁ ରୋଗୀ ଜଣକ ସୁସ୍ଥ ଅନୁଭବ କରିଥିଲେ ଏବଂ ସେ ଦୀର୍ଘ ଦିନ ଧରି ଭୋଗୁଥିବା ଯନ୍ତ୍ରଣାରୁ ମୁକ୍ତି ପାଇଥିଲେ। ସାଧାରଣତଃ ଏହି 'ଟ୍ରାଇଜେମିନାଲ ନ୍ୟୁରାଲଜିଆ'ରେ ପୀଡ଼ିତ ରୋଗୀଙ୍କ ମଧ୍ୟରେ ଯନ୍ତ୍ରଣାର ତୀବ୍ରତା କିଛି ସେକେଣ୍ଡରୁ ମିନିଟ୍ ପର୍ଯ୍ୟନ୍ତ ରହିଥାଏ। ଦୈନନ୍ଦିନ ବ୍ରସ୍ କରିବା, ଚୋବାଇବା ଏପରିକି କଥା କହିବା ଭଳି ନିତିଦିନିଆ କାମ କରବାରେ ଅସହ୍ୟ ଯନ୍ତ୍ରଣା ଭୋଗିବାକୁ ପଡ଼ିଥାଏ। ରେଡିଓଫ୍ରିକ୍ୱେନ୍ସି ଆବ୍ଲେସନ୍ ଓ ବେଲୁନ୍ ମାଇକ୍ରୋକମ୍ପ୍ରେସନ୍ ଭଳି ବିକଳ୍ପ ଚିକିତ୍ସା ପାଇଁ ଡାକ୍ତର ସାହୁ ନିଷ୍ପତ୍ତି ନେଇଥିଲେ। କପାଳ ନିକଟରେ ପ୍ରଥମ ଡିଭିଜନ (ଭି-୧) ଟ୍ରାଇଜେମିନାଲ ନ୍ୟୁରାଲଜିଆ ଥିବାରୁ ରେଡିଓଫ୍ରିକ୍ୱେନ୍ସି ଆବ୍ଲେସନ୍ କଲେ ରୋଗୀ ଚକ୍ଷୁରେ ପାର୍ଶ୍ୱ ପ୍ରତିକ୍ରିୟା ସମ୍ଭାବନା ଥିବାରୁ ଏ କ୍ଷେତ୍ରରେ ବେଲୁନ୍ ମାଇକ୍ରୋକମ୍ପ୍ରେସନକୁ ଅଗ୍ରାଧିକାର ଦିଆଯାଇଥିଲା ବୋଲି ଡା. ସାହୁ ସୂଚନା ଦେଇଛନ୍ତି। ଏହି ବିରଳ ସଫଳତା ପାଇଁ କିଟ୍, କିସ୍ ଏବଂ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡା. ସାହୁ ଓ ତାଙ୍କ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଚତୁର୍ଥ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ



ପୁରୀ, (ପି.ଏନ):ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ସମେତ ନିମାପଡା,କୋଣାର୍କ,ପିପିଲି ବ୍ରହ୍ମଗିରି ଏବଂ କଣାସ ଅଦାଲତରେ ଶନିବାର ଚତୁର୍ଥ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ ଶ୍ରୀଯୁକ୍ତ ଶିତିକଣ୍ଠ ସାମଲଙ୍କ ତତ୍ତ୍ୱାବଧାନରେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀ ଅମିତ କୁମାର ବାରିକଙ୍କ ପରିଚାଳନାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଶହ ୯୪ଗୋଟି ମକଦ୍ଦମାର ଫଇସଲା କରାଯିବା ସହ ଜୋରିମାନା ଓ କ୍ଷତିପୂରଣ ବାବଦରେ ୫କୋଟି ୪୭ଲକ୍ଷ ୬୪ହଜାର ୭ଶହ ୧୨ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତରେ ୧ଶହ ୧୨ଟି ମୋଟର ଦୁର୍ଘଟଣା ମାମଲାର ବିଚାର କରାଯାଇ ୫କୋଟି ୨୬ଲକ୍ଷ ୫୨ହଜାର ଟଙ୍କା ଅଦାୟ କରାଯାଇଛି। କ୍ଷତିପୂରଣ ବାବଦରେ ଟଙ୍କା ଦେବା ପାଇଁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଛଡା ବ୍ୟାଙ୍କ ଋଣ ମାମଲାର ବିଚାର କରାଯାଇ ୧କୋଟି ୩୩ଲକ୍ଷ ୧୬ହଜାର ୭୧୫ଟଙ୍କା ଆଦାୟ କରାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲ୍ଲା ଦୌରାଜଜ ଶ୍ରୀଯୁକ୍ତ ଶିତିକଣ୍ଠ ସାମଲ ଏହାକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ। ସ୍ଥାୟୀ ଲୋକ ଅଦାଲତ ଅଧକ୍ଷା ଶ୍ରୁଶ୍ରୀ ପ୍ରତିମା ପଣ୍ଡା,ପରିବାର ଲୋକ ଅଦାଲତ ବିଚାରପତି ଶ୍ରୀଯୁକ୍ତ ଅରୁଣ କୁମାର ମଲ୍ଲିକ,ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ ଅମୀୟ ରଞ୍ଜନ ଜେନା,ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ ଚିନ୍ମୟ ମିଶ୍ର,ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରାଣା ଘୋଷ,ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଦିଗବିଜୟ ଦାସ,ଦେୱାନୀ ବିଚାରପତି ମନିନ୍ଦ୍ର ଭୁଷଣ ସାହୁ,ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପତିତପାବନ ପଣ୍ଡା,ଗ୍ରାମ ନ୍ୟାୟଧିକାରୀ ନର୍ମଦା କର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତନ୍ମୟ ରଞ୍ଜନ ଦାସ ଓ ଶୃତିକୀର୍ତି ଆଚାର୍ଯ୍ୟ ମାମଲା ଗୁଡିକର ଫଇସଲା କରିଥିଲେ। ପ୍ରାଧିକରଣ ସଚିବ ଅମିତ କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray